ସାପ୍ତାହିକ
Postal Regd. No.: SBP/RN-01/2022-2024
# ସ୍ୱୀକାର
The Sweeker ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 11 | 12 - 18 March 2023 | Sambalpur | Page- 8 | Invitation Price Rs.10




ସତ୍ୟମେବ ଜୟତେ

## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦ, ହର୍ଷ ଓ ଉଲ୍ଲାସର ପର୍ବ ପବିତ୍ର ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହି ପର୍ବ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ସମସ୍ତ ଓଡ଼ିଆଙ୍କର ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ, ଏତିକି କାମନା କରୁଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା



ଓଡ଼ିଶା ସରକାର



## ହୋଲି ପର୍ବ ଅବସରରେ ବାର୍ତ୍ତା

ରଙ୍ଗ ଓ ଆନନ୍ଦର ଉତ୍ସବ ହୋଲି ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା



ଓଡ଼ିଶା ସରକାର

## ମୁଖ୍ୟମନ୍ତ୍ରୀଙ୍କ ହୋଲି ଶୁଭେଚ୍ଛା

ରଙ୍ଗ ଓ ଆନନ୍ଦର ପର୍ବ ହୋଲି ଅବସରରେ ଓଡ଼ିଶାବାସୀ ପ୍ରିୟ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି । ହୋଲି ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଦେଉ । ସାମାଜିକ ସଦ୍‌ଭାବ ଆହୁରି ସୁଦୃଢ ହେଉ, ମହାପ୍ରଭୁଙ୍କ ନିକଟରେ ଏତିକି ପ୍ରାର୍ଥନା ।



ମୁଖ୍ୟମନ୍ତ୍ରୀ, ଓଡ଼ିଶା


## ଓଡ଼ିଶାକୁ 'ସୁଭାଷ ବୋଷ ଆପଦା ପ୍ରବନ୍ଧନ ପୁରସ୍କାର'



ନୂଆଦିଲ୍ଲୀ : ବିପର୍ଯ୍ୟୟ ପରିଚାଳନାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା) କୁ 'ସୁଭାଷ ଚନ୍ଦ୍ର ବୋଷ ଆପଦା ପ୍ରବନ୍ଧନ ପୁରସ୍କାର-୨୦୨୩' ପ୍ରଦାନ କରାଯାଇଛି । ସ୍ଥାନୀୟ ବିଜ୍ଞାନ ଭବନଠାରେ ଆୟୋଜିତ ନ୍ୟାସନାଲ୍ ପ୍ଲାଟଫର୍ମ ଫର ଡିଜାଷ୍ଟର ରିସ୍କ ରିଡକ୍ସନ ପ୍ରୋଗ୍ରାମର ତୃତୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଏହି ପୁରସ୍କାର ଗ୍ରହଣ କରିଛନ୍ତି । ପୁରସ୍କାର ବାବଦକୁ ୫୧ ଲକ୍ଷ ଟଙ୍କାର ଅର୍ଥରାଶି ସହିତ ସାର୍ଟିଫିକେଟ ପ୍ରଦାନ କରାଯାଇଛି । ପୁରସ୍କାର ପ୍ରଦାନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓସଡମାର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଏହି ସଂସ୍ଥା ସହିତ ଜଡିତ ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏହି ଉତ୍ସବରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ମଧ ଉପସ୍ଥିତ ଥିଲେ ।

୮ ପୃଷ୍ଠାରେ...



ଆୟୁଷ ବଢ଼ାଏ ଗହମ



ଡିହାଇଡ୍ରେସନରୁ ମୁକ୍ତି ଦିଏ ଜଳଜିରା



ସ୍ୱାସ୍ଥ୍ୟ ହିତରେ ମହୁ ଓ ହଳଦୀ



ତରଭୁଜ ମଞ୍ଜିରେ ମଧୁମେହ ଦୂର



ବଡ଼ ଉପକାରୀ ଅଙ୍ଗୁର



କର୍ପୁରର ଉପକାରିତା

# ସଂକୀର୍ତ୍ତନର ମହିମା

**ଶା**ସ୍ତ୍ରମାନଙ୍କରେ ନାମର ମହିମା ବିଶଦ ଭାବରେ ବର୍ଣ୍ଣିତ । ନାମର ପ୍ରଭାବରେ ଦସ୍ୟୁ ରତ୍ନାକର ମହାମୁନି ବାଲ୍ମୀକି ହୋଇ ପାରିଲେ । ମୃତ୍ୟୁକାଳରେ ମହାପାପୀ ଅଜାମିଳ ପୁତ୍ର ନାରାୟଣର ନାମ ଉଚ୍ଚାରଣ ପୂର୍ବକ ତରିଗଲେ । ଜଗାଇ-ମାଧାଇଙ୍କ ପରି ଦସ୍ୟୁମାନେ ନାମ ଜପ କରି ପରମଭକ୍ତ ହୋଇ ଜୀବନକୁ ସାର୍ଥକ କଲେ । ଏହିପରି ନାମ ସଂକୀର୍ତ୍ତନର ପ୍ରଭାବ ସମ୍ପର୍କରେ ଅସଂଖ୍ୟ ଉଦାହରଣ ମିଳିଥାଏ । ପୁନଃ ନାମ ସଂକୀର୍ତ୍ତନର ପ୍ରଭାବରେ ନିଜକୁ ଉଦ୍ଧାର କରି ଅନ୍ୟକୁ ଉଦ୍ଧାର କରିବାର ଅନେକ ଦୃଷ୍ଟାନ୍ତ ରହିଛି ।

ଶ୍ରୀମଦ୍ଭାଗବତ ବ୍ରହ୍ମବୈବର୍ତ୍ତପୁରାଣ, ଲିଙ୍ଗପୁରାଣ, ଗରୁଡପୁରାଣ, ବ୍ରହ୍ମପୁରାଣାଦିରେ ଜଣକର ସଂକୀର୍ତ୍ତନର ପ୍ରଭାବ ଅନ୍ୟ ପାପୀକୁ ଉଦ୍ଧାର କରିବାରେ ସହାୟକ ହୋଇଥିବାର ଦୃଷ୍ଟାନ୍ତ ବର୍ଣ୍ଣିତ ହେବାର ଦେଖାଯାଏ । ପାପିନୀ ବେଶ୍ୟା ସ୍ୱ ପାଳିତ ଶୁକକୁ ରାମନାମ ଶିକ୍ଷା ଦେବାରୁ ଉଭୟଙ୍କର ସମସ୍ତ ପାପନଷ୍ଟ ହୋଇ ସଦ୍‌ଗତି ହୋଇ ଯାଇଥିଲା ।

ନାମ ସଂକୀର୍ତ୍ତନର ପ୍ରଭାବରେ ଭୂତ, ପିଶାଚ, ବ୍ରହ୍ମରାକ୍ଷସ, ପ୍ରେତାତ୍ମାମାନଙ୍କର ସଦ୍‌ଗତି ହୋଇଯାଏ । ତେଣୁ ଦଶାହ ପରେ ଘରେ ନାମ ସଂକୀର୍ତ୍ତନ କରାଯାଇଥାଏ ।

ସଂକୀର୍ତ୍ତନକାରୀ ନିଜ ପୁଣ୍ୟଫଳ ଦ୍ୱାରା ଅନ୍ୟ ପାପାତ୍ମାଙ୍କର କିପରି ଉଦ୍ଧାର କରିପାରେ ତାର ଉଦାହରଣ ବ୍ରହ୍ମପୁରାଣ (ଅଧ୍ୟାୟ ୨୨୮)ରେ ଦ୍ରଷ୍ଟବ୍ୟ ।

ଅବନ୍ତୀ ନଗରସୀମାରେ ଗୋଟିଏ ବିଷ୍ଣୁଭକ୍ତ ସଂକୀର୍ତ୍ତନପ୍ରେମୀ ଚାଣ୍ଡାଳ ରହୁଥିଲା । ପ୍ରତ୍ୟେକ ମାସର ଏକାଦଶୀ ତିଥିରେ ସେ ଉପବାସ ପୂର୍ବକ ରାତ୍ରି ଜାଗରଣ କରି ଭଗବାନଙ୍କର ନାମସଂକୀର୍ତ୍ତନ କରି ଆସୁଥିଲା ।

ଏକଦା ଚୈତ୍ର କୃଷ୍ଣ ଏକାଦଶୀ ତିଥିରେ ରାତ୍ରିରେ ଭଗବାନଙ୍କର ପୂଜନ ନିମିତ୍ତ ସିପ୍ରା ନଦୀତଟସ୍ଥ ବନ ମଧ ଦେଇ ମନ୍ଦିରକୁ ଯାଉଥିବା ସମୟରେ ଏକ ବ୍ରହ୍ମରାକ୍ଷସ ତାର ପଥ ଅବରୋଧ କଲା ଏବଂ ତାକୁ ଭକ୍ଷଣ କରିବାକୁ ଉଦ୍ୟତ ହେଲା । ଚାଣ୍ଡାଳ ତାକୁ ପ୍ରାର୍ଥନା କରି କହିଲା– ''ଆଜି ତୁମେ ମୋତେ ଛାଡ଼ିଦିଅ, ଆଜି ଏକାଦଶୀ, ରାତ୍ରିରେ ଉଜାଗର ରହି ମୋତେ ନାମ ସଂକୀର୍ତ୍ତନ କରିବାର ଅଛି । ଭଗବାନ୍‌ଙ୍କ ପ୍ରତି କର୍ତ୍ତବ୍ୟରେ ତୁମେ ବାଧକ ହୁଅ ନାହିଁ । ମୋର ବ୍ରତାଚରଣରେ ବିଘ୍ନ ସୃଷ୍ଟି କର ନାହିଁ ।''

ଏକଥା ଶୁଣି ବ୍ରହ୍ମରାକ୍ଷସ କହିଲା- 'ରେ ମୂର୍ଖ, ମୁଁ ଦଶଦିନ ହେଲା ଭୋକିଲା ଅଛି । ମୋତେ ତୁ ବୋକା ବନେଇ ଖସି ଯିବାକୁ ଚାହୁଁଛୁ । ତୋତେ ମୁଁ କୌଣସିମତେ ଛାଡ଼ିପାରିବି ନାହିଁ । ଏକଥା ଶୁଣି ଚାଣ୍ଡାଳ ତାକୁ ସାନ୍ତ୍ୱନା ଦେଇ କୋମଳ ସ୍ୱରରେ ଦୃଢ଼ ତଥା ସତ୍ୟ ବଚନ କହିଲା ।

ସେ କହିଲା- 'ହେ ବ୍ରହ୍ମରାକ୍ଷସ ! ଶୁଣ, ସତ୍ୟମୂଳକ ହିଁ ସମ୍ପୂର୍ଣ୍ଣ ଜଗତ୍ । ସେହି ସତ୍ୟକୁ ରକ୍ଷା କରି ମୁଁ ପୁନଃ ଆସିବା ପାଇଁ ଶପଥ କରୁଛି । ଯଦି ମୁଁ ତୁମ ପାଖକୁ ନଆସେ ତେବେ ମୋତେ ସମସ୍ତ ପ୍ରକାର ପାପ ଲାଗିବ ।' ତାହା ଶୁଣି ରାକ୍ଷସ ତାକୁ ଛାଡ଼ିଦେଲା । ଚାଣ୍ଡାଳ ବିଷ୍ଣୁମନ୍ଦିରକୁ ଯାଇ ଉପବାସ ପୂର୍ବକ ରାତ୍ରିରେ ଉଜାଗର ରହି ଭଗବାନଙ୍କର ସଂକୀର୍ତ୍ତନ କରିବାକୁ ଲାଗିଲା ପ୍ରଭାତ ହେବା ପରେ ସ୍ନାନ ସାରି ଦେବତାକୁ ପ୍ରଣାମ କଲା । ତା' ପରେ ନିଜର ସତ୍ୟ ରକ୍ଷା କରିବା ପାଇଁ ବ୍ରହ୍ମରାକ୍ଷସ ନିକଟକୁ ଚାଲିଲା । ସେ ସମୟରେ ରାସ୍ତାରେ ଜଣେ ବ୍ୟକ୍ତି ଚାଣ୍ଡାଳକୁ ବ୍ରହ୍ମରାକ୍ଷସ ନିକଟକୁ ଯିବାର ଦେଖି ତାକୁ ନଯିବା ପାଇଁ ପରାମର୍ଶ ଦେଲା । ପ୍ରାଣ ସଙ୍କଟରେ ଏବଂ ସର୍ବସ୍ୱ ଅପହରଣ ସମୟରେ ମିଥ୍ୟାର ଆଶ୍ରୟ ନେଲେ ଦୋଷ ହୁଏ ନାହିଁ ବୋଲି ବୁଝାଇଲା । କିନ୍ତୁ ଚାଣ୍ଡାଳ ତାକୁ ସତ୍ୟର ପ୍ରଭାବ ଏବଂ ଗୁରୁତ୍ୱ ବୁଝାଇ ବ୍ରହ୍ମରାକ୍ଷସ ନିକଟକୁ ଯିବା ପାଇଁ ବାହାରିଲା । ଚାଣ୍ଡାଳକୁ ପୁନଃ ପ୍ରତ୍ୟାବର୍ତ୍ତନ କରିବାର ଦେଖି ବିସ୍ମିତ ହୋଇ ବ୍ରହ୍ମରାକ୍ଷସ ତାକୁ ନିରୀକ୍ଷଣ କରିବାକୁ ଲାଗିଲା । ବିନମ୍ର ଭାବରେ ଚାଣ୍ଡାଳ ବ୍ରହ୍ମରାକ୍ଷସକୁ କହିଲା- ହେ ବ୍ରହ୍ମରାକ୍ଷସ ! ମୁଁ ମୋର ସତ୍ୟ ଅନୁସାରେ ସ୍ୱଶରୀର ତୁମକୁ ସମର୍ପଣ କରୁଛି । ଏହାକୁ ସ୍ୱୀକାର କରି ତୁମେ ତୁମର କ୍ଷୁଧା ଶାନ୍ତ କର ।' ରାକ୍ଷସ ଚାଣ୍ଡାଳଠାରୁ ଗତ ରାତ୍ରିର କାର୍ଯ୍ୟ ବିଷୟରେ ପଚାରି ବୁଝିଲା ଏବଂ କହିଲା- 'ହେ ସତ୍ୟନିଷ୍ଠ ମହାନ୍ ! ତୁମେ ମୋତେ ଗତ ରାତ୍ରି ଜାଗରଣ ପୁଣ୍ୟ ଫଳ ପ୍ରଦାନ କଲେ ମୁଁ ତୁମକୁ ଛାଡ଼ିଦେବି ।'' ଚାଣ୍ଡାଳ ଏଥିରେ ଏକମତ ନ ହେବାରୁ ରାକ୍ଷସ ଏକ ପ୍ରହରର ଫଳ ମାଗିଲା । ଚାଣ୍ଡାଳ ତା କଥାରେ ରାଜି ନହୋଇ ତାକୁ କହିଲା– 'ତୁମେ ଏଣୁ ତେଣୁ କ'ଆ କ'ଣ କହୁଛ ? ତୁମେ ମୋତେ ଖାଇବା କଥା କହିଥିଲେ କିନ୍ତୁ ପୁଣ୍ୟଫଳ କଥା ନୁହେଁ । ତେଣୁ ତୁମେ ମୋତେ ରକ୍ଷଣ କରି କଥା ରକ୍ଷା କର ।'

ରାକ୍ଷସ ଅତ୍ୟନ୍ତ ବ୍ୟାକୁଳ ହୋଇ ଅନୁରୋଧ କଲା 'ହେ ପୁଣ୍ୟାତ୍ମନ୍ ! ତୁମେ ତୁମର ଅନ୍ତିମ କୀର୍ତ୍ତନ ଗାନର ଫଳ ଦୟାକରି ପ୍ରଦାନ କର ।' ଏକଥା ଶୁଣି ଚାଣ୍ଡାଳ ଗୋଟିଏ ସର୍ତ୍ତ ରଖି କହିଲା- 'ତୁମେ ଯଦି ଆଜିଠାରୁ କୌଣସି ପ୍ରାଣୀକୁ ଖାଇବ ନାହିଁ ତେବେ ତୁମକୁ ଅନ୍ତିମ ସଂକୀର୍ତ୍ତନ ଗାନର ଫଳ ପ୍ରଦାନ କରିପାରେ ।'' ବ୍ରହ୍ମରାକ୍ଷସ ଏହି ସର୍ତ୍ତରେ ରାଜି ହେବାରୁ ଚାଣ୍ଡାଳ ତାକୁ ଅନ୍ତିମ କୀର୍ତ୍ତନ ଗାନର ଫଳ ସହ ଅର୍ଦ୍ଧପ୍ରହରର ଜାଗରଣ ଫଳ ମଧ ପ୍ରଦାନ କଲା । ଫଳପ୍ରାପ୍ତି ପରେ ରାକ୍ଷସ ମଧରେ ଶାନ୍ତି ଏବଂ ଉଦାରଭାବନା ଭରିଗଲା ।

ଏହି ଘଟଣା ପରେ ଚାଣ୍ଡାଳ ମନରେ ବୈରାଗ୍ୟ ଉଦୟ ହେଲା । ସେ, ପତ୍ନୀର ଭାର ପୁତ୍ରମାନଙ୍କୁ ଦେଇ ତୀର୍ଥାଟନରେ ଚାଲିଗଲା । ଉକ୍ତ ବ୍ରହ୍ମରାକ୍ଷସ ଥିଲା ସୋମଶର୍ମା ନାମକ ବ୍ରାହ୍ମଣ । ସେ ନିଜର ପାପକର୍ମ ଯୋଗୁଁ ରାକ୍ଷସଯୋନି ପାଇଥିଲା । ଚାଣ୍ଡାଳଠାରୁ ସେ ସଂକୀର୍ତ୍ତନ ଫଳ ଲାଭ କରି ରାକ୍ଷସ ଯୋନିରୁ ମୁକ୍ତ ହେଲା । ବରାହ ପୁରାଣରେ ମଧ ଏହିପରି ଗୋଟିଏ ଉପାଖ୍ୟାନ ରହିଛି ।

ଦିନର 'ନାମସଂକୀର୍ତ୍ତନ' ତୁଳନାରେ ରାତ୍ରି ଜାଗରଣ ପୂର୍ବକ ନାମ ସଂକୀର୍ତ୍ତନ କରିବାର ଫଳ ଅଧିକ ଅଟେ । ତେଣୁ ଅଷ୍ଟପ୍ରହରୀ, ଚବିଶ ପ୍ରହରୀ ଏବଂ ଅଖଣ୍ଡ ନାମସଂକୀର୍ତ୍ତନ ଆଦିର ପ୍ରଚଳନ ଅଛି ।

ଭଗନ୍ନାମ ଉଚ୍ଚାରଣ ଦ୍ୱାରା ସମସ୍ତ ରୋଗର ନିବାରଣ ହେବାର ବିଧାନ ରହିଛି ଯଥା-

ତଥ୍ୟ ଅଚ୍ୟୁତାନନ୍ତ ଗୋବିନ୍ଦନାମୋଚ୍ଚାରଣଭେଷଜାତ୍ ।

ନଶ୍ୟନ୍ତ ସକଳା ରୋଗାଃ ସତ୍ୟଂ ସତ୍ୟଂ ବଦାମ୍ୟହମ୍ ।।

ଅଧ୍ୟାତ୍ମରାମାୟଣରେ ଭଗବନ୍ନାମ ସଂକୀର୍ତ୍ତନର ପ୍ରଭାବ ବିସ୍ତୃତ ଭାବରେ ବର୍ଣ୍ଣିତ । ଭଗବାନଙ୍କର ନାମରୂପ ଲୀଳା ତଥା ଧାମ ଏହି ଚାରୋଟି ସଚ୍ଚିଦାନନ୍ଦ ସ୍ୱରୂପ ଅଟନ୍ତି । କିନ୍ତୁ ଏ ଚାରୋଟି ମଧରେ ଭଗବନ୍ନାମ ସର୍ବଶ୍ରେଷ୍ଠ । ଭଗବନ୍ନାମ ଅବଲମ୍ବନ ଦ୍ୱାରା ଧର୍ମ, ଅର୍ଥ, କାମ, ମୋକ୍ଷ ସହିତ ପଞ୍ଚମ ପୁରୁଷାର୍ଥରୂପ ଭଗବତ୍ ପ୍ରେମର ପ୍ରାପ୍ତି ସହଜ ହୁଏ । ଯେଉଁ ଭକ୍ତ 'ହରି' ଏହି ଦୁଇଟି ଅକ୍ଷର ଉଚ୍ଚାରଣ କରେ ତାକୁ ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଏବଂ ଅଥର୍ବବେଦ ଅଧ୍ୟୟନର ଫଳ ପ୍ରାପ୍ତ ହୁଏ ।

ଋଗ୍‌ବେଦୋଽଥ ଯଜୁର୍ବେଦଃ ସାମବେଦୋ ହ୍ୟଥର୍ବଣଃ ।

ଅଧୀତାସ୍ତେନ ଯେନୋକ୍ତଂ ହରିରିତ୍ୟକ୍ଷରଦ୍ୱୟମ୍ ।

ଅଧ୍ୟାତ୍ମରାମାୟଣରେ ଭଗବନ୍ନାମ ମହିମା ବର୍ଣ୍ଣନ କରି କୁହାଯାଇଛି-

ଯନ୍ନାମ କୀର୍ତ୍ତନପରା ଜିତଦୁଃଖଶୋକା ଦେବାସ୍ତମେବ ଶରଣଂ ସତତଂ ପ୍ରପଦ୍ୟେ । (ବାଳ.କା. ୬/୭୫)

ଅର୍ଥାତ୍ ଯାହାଙ୍କର ନାମ କୀର୍ତ୍ତନରେ ଲାଗିରହି ଦେବଗଣ ଦୁଃଖ ଶୋକକୁ ଜୟ କରନ୍ତି, ମୁଁ ନିରନ୍ତର ତାଙ୍କରି ଶରଣାପନ୍ନ ହେଉଛି । ଭଗନ୍ନାମକୁ ଆଶ୍ରୟ କଲେ ସମସ୍ତ ଦୁଃଖ ଏବଂ ଶୋକକୁ ଜୟ କରିପାରିବ ।

କଳିଯୁଗରେ କଲ୍ୟାଣର ଏକମାତ୍ର ସାଧନ ଭଗନ୍ନାମ ବୋଲି ଋଷି ବାମଦେବ ଉଲ୍ଲେଖ କରିଛନ୍ତି-

ରାମ ରାମେତି ଯେ ନିତ୍ୟଂ ଜପନ୍ତି ମନୁଜା ଭୁବି ।

ତେଷାଂ ମୃତ୍ୟୁଭୟାଦୀନି ନ ଭବନ୍ତି କଦାଚନ ।।

କା ପୁନସ୍ତସ୍ୟ ରାମସ୍ୟ ଦୁଃଖଶଙ୍କା ମହାତ୍ମନଃ ।

ରାମନାମ୍ନୈବ ମୁକ୍ତିସ୍ୟାତ୍କଲୌ ନାନ୍ୟେନ କେନଚିତ୍ । (ଅଯୋଧା.କା, ୫/୨୬-୨୭)

ସଂସାରରେ ଯେଉଁମାନେ ନିତ୍ୟ ରାମନାମ ଜପ କରନ୍ତି ସେମାନଙ୍କୁ ମୃତ୍ୟୁଭୟ ହୁଏ ନାହିଁ । ମହାତ୍ମା ରାମଙ୍କ ପାଇଁ ଦୁଃଖର ଶଙ୍କା କିପରି ହୋଇପାରେ ? କଳିଯୁଗରେ ଏକମାତ୍ର ରାମନାମରେ ମୁକ୍ତି ଅନ୍ୟ କେଉଁଥରେ ନୁହେଁ ।

ଋଷି ବାଲ୍ମିକୀ ଭଗବନ୍ନାମ ମହିମା ସନ୍ଦର୍ଭରେ ଭଗବାନ୍ ରାମଙ୍କୁ ସ୍ୱାନୁଭବଯୁକ୍ତ ଉଦ୍‌ଗାର ପ୍ରକଟ କରି କହୁଛନ୍ତି-

ରାମ ତ୍ୱନ୍ନାମମହିମା ବର୍ଣ୍ଣ୍ୟତେ କେନ ବା କଥମ୍ ।

ଯତ୍ ପ୍ରଭାବାଦହଂ ରାମ ବ୍ରହ୍ମର୍ଷିତ୍ୱମବାପ୍ତବାନ୍ ।। (ଅଯୋଧା,କା, ୬/୬୪)

ହେ ରାମ ! ଯାହାଙ୍କର ପ୍ରଭାବରେ ମୁଁ ବ୍ରହ୍ମର୍ଷି ପଦ ପ୍ରାପ୍ତ ହେଲି ଆପଣଙ୍କର ସେହି ନାମର ମହିମା କିଏ କିପରି ବର୍ଣ୍ଣନ କରିପାରିବ ?

ଭଗବନ୍ନାମ ସ୍ମରଣରେ ସମସ୍ତେ ଅଧିକାରୀ ଅଟନ୍ତି ।

ଦ୍ୱିଜୋ ବା ରାକ୍ଷସୋ ବାପି ପାପୀ ବା ଧାର୍ମିକୋଽପି ବା ।

ତ୍ୟଜେନ୍ କଳେବରଂ ରାମଂ ସ୍ମୃତ୍ୱା ଯାତି ପରଂ ପଦମ୍ (ଅରଣ୍ୟ.କା, ୭/୨୪)

ଯେଉଁମାନେ ରାମଙ୍କର ନାମ ସ୍ମରଣ କରି ଶରୀର ତ୍ୟାଗ କରନ୍ତି ସେମାନେ ବ୍ରାହ୍ମଣ ହୁଅନ୍ତୁ ବା ରାକ୍ଷସ, ପାପୀ ହୁଅନ୍ତୁ ବା ଧାର୍ମିକ, ସମସ୍ତେ ପରମପଦ ଲାଭ କରନ୍ତି । ଏକକ୍ଷଣ ପାଇଁ ନାମୋଚ୍ଚାରଣରେ ସମସ୍ତ ପାପରୁ ମୁକ୍ତି ମିଳିବାର ପ୍ରମାଣ ରହିଛି ।

ରାମ ରାମେତି ଯଦ୍‌ବାଣୀ ମଧୁରଂ ଗାୟତି କ୍ଷଣମ୍ ।

ସ ବ୍ରହ୍ମହା ସୁରାପୋ ବା ମୁଚ୍ୟତେ ସର୍ବପାତକୈଃ (କିଷ୍କିନ୍ଧା.କା, ୧/୮୪)

ଯାହାର ବାଣୀ ଏକକ୍ଷଣ ପାଇଁ ରାମ ରାମ ଏପରି ସୁମଧୁର ଗାନ କରେ ସେ ବ୍ରହ୍ମଘାତୀ ଅଥବା ମଦ୍ୟପ ହେଉନା କାହିଁକି, ତାର ସମସ୍ତ ପାପ କଟିଯାଏ ।

ଦେବ ଦେବ ମହାଦେବ ପାର୍ବତୀଙ୍କୁ ରାମଚରିତ ଶୁଣାଇବା ଅବସରରେ ସମୁଦ୍ର ଲଂଘନ ପାଇଁ ଉଦ୍ୟତ ହନୁମାନଙ୍କର ଭଗବନ୍ନାମ ମହିମା ସମ୍ପର୍କରେ ବିବୃତି ଉପସ୍ଥାପିତ କରିଛନ୍ତି–

ପ୍ରାଣପ୍ରୟାଣସମୟେ ଯସ୍ୟ ନାମ ସକୃତ୍ ସ୍ମରନ୍ ।

ନରସ୍ତୀର୍ତ୍ୱା ଭବାମ୍ଭୋଧିମପାରଂ ଯାତି ତତ୍ପଦମ୍ ।

କିଂ ପୁନସ୍ତସ୍ୟ ଦୂତୋଽହଂ ତଦଙ୍ଗାଙ୍ଗୁଳିମୁଦ୍ରିକଃ ।। (ସୁନ୍ଦରା.କା ୧/୪-୫)

ଅର୍ଥାତ୍ ପ୍ରାଣପ୍ରୟାଣ ସମୟରେ ଯାହାଙ୍କର ନାମ ଏକବାର ସ୍ମରଣ କରି ମନୁଷ୍ୟ ଅପାର ସଂସାର ସାଗରକୁ ପାର କରି ପରମପଦକୁ ଚାଲିଯାଏ, ମୁଁ ତାଙ୍କରି ଦୂତ ହୋଇ ଅବୟବରୂପ ଆଙ୍ଗୁଳିର ମୁଦ୍ରିକା ନେଇ ତାଙ୍କରି ଧାନ କରି ସମୁଦ୍ରକୁ ଡେଇଁଯିବାଟା କୋଉ ବଡ଼ କଥା ?

ଅଧ୍ୟାତ୍ମରାମାୟଣର ଯୁଦ୍ଧକାଣ୍ଡରେ ହନୁମାନଙ୍କର ଭଗନ୍ନାମ ପ୍ରିୟତାର ଏକ ସୁନ୍ଦର ପ୍ରକରଣ ରହିଛି । ରାଜ୍ୟାଭିଷେକ ସମୟରେ ଶ୍ରୀରାମ ହନୁମାନଙ୍କ କାର୍ଯ୍ୟରେ ସନ୍ତୁଷ୍ଟ ହୋଇ ତାଙ୍କୁ ଯେତେବେଳେ ବର ମାଗିବାକୁ କହିଲେ, ସେତେବେଳେ ହନୁମାନ୍ ଅତ୍ୟନ୍ତ ହର୍ଷିତ ହୋଇ କହିଥିଲେ–

ତ୍ୱନ୍ନାମ ସ୍ମରତୋ ରାମ ନ ତୃପ୍ୟତି ମନୋ ମମ ।

ଅତସ୍ତ୍ୱନାମ ସତତଂ ସ୍ମରନ୍ ସ୍ଥାସ୍ୟାମି ଭୂତଳେ ।

ଯାବତ୍ ସ୍ଥାସ୍ୟତି ତେ ନାମ ଲୋକେ ତାବତ୍ କଳେବରମ୍ । (ଯୁଦ୍ଧ.କା. ୧୬୧୨-୧୩)

ହେ ରାମ ! ଆପଣଙ୍କର ନାମ ସ୍ମରଣ କରି ମୋର ମନ ତୃପ୍ତ ହେଉ ନାହିଁ । ଅତଃ ମୁଁ ନିରନ୍ତର ଆପଣଙ୍କର ନାମ ସ୍ମରଣ କରି ପୃଥିବୀରେ ରହିବି । ଯେପର୍ଯ୍ୟନ୍ତ ପୃଥିବୀରେ ଆପଣଙ୍କର ନାମ ରହିଥିବ ସେ ପର୍ଯ୍ୟନ୍ତ ମୋର ଶରୀର ମଧ ରହୁ । ଏହା ଶୁଣି ଶ୍ରୀରାମ କହିଲେ- ତୁମେ ଜୀବନ୍ମୁକ୍ତ ହୋଇ ସଂସାରରେ ସୁଖ ପୂର୍ବକ ରହିବ । ଭଗବାନ୍ ଶଙ୍କର ତାରକ ବ୍ରହ୍ମ ରାମନାମ ମନ୍ତ୍ରର ଉପଦେଶ ପ୍ରଦାନ କରିଛନ୍ତି ।

ଅହଂ ଭଗବନ୍ନାମ ଗୃଣନ୍ କୃତାର୍ଥୋ

ବସାମି କାଶ୍ୟାମନିଶଂ ଭବାନ୍ୟା ।

ମୁମୂର୍ଷମାଣସ୍ୟ ବିମୁକ୍ତୟେଽହଂ

ଦିଶାମି ମନ୍ତ୍ରଂ ତବ ରାମନାମ ।। (ଯୁଦ୍ଧ,କା, ୧୫/୬୨)

ଅର୍ଥାତ୍ ହେ ପ୍ରଭୋ । ଆପଣଙ୍କର ନାମୋଚ୍ଚାରଣରେ କୃତାର୍ଥ ହୋଇ ମୁଁ ଅହର୍ନିଶ ପାର୍ବତୀଙ୍କ ସହ କାଶୀରେ ରହି ସେଠାରେ ମରଣାସନ୍ନ ପୁରୁଷମାନଙ୍କୁ ସେମାନଙ୍କର ମୋକ୍ଷ ନିମିତ୍ତ ଆପଣଙ୍କର ତାରକ ମନ୍ତ୍ର ରାମନାମର ଉପଦେଶ ଦେଉଛି ।

ଯେଉଁମାନେ ଭଗବାନ୍‌ଙ୍କର ମନ୍ତ୍ର ଜପ ଏବଂ ନାମ ସଂକୀର୍ତ୍ତନ ପ୍ରତି ବିମୁଖ, ସେମାନେ ମାୟା କବଳିତ ହୁଅନ୍ତି, ଏ ବିଷୟରେ ସ୍ୱତୀକ୍ଷ୍ଣ ମୁନି ଭଗବନ୍ନାମ ମହିମା ସମ୍ବନ୍ଧୀୟ ନିଜର ମନୋଭାବ ବ୍ୟକ୍ତ କରିଛନ୍ତି । ଯଥା-

ତ୍ୱଂ ସର୍ବଭୂତହୃଦୟେଷୁ କୃତାଳୟୋଽପି

ତ୍ୱନ୍ମନ୍ତ୍ରଜାପ୍ୟବିମୁଖେଷୁ ତନୋଷି ମାୟାମ୍ ।

ତ୍ୱନ୍ମନ୍ତ୍ରସାଧନପରେଷ୍ୱପୟାତି ମାୟା

ସେବାନୁରୂପଫଳଦୋଽସି ଯଥା ମହୀପଃ ।। (ଅରଣ୍ୟ କା. ୨/୨୯)

ଅର୍ଥାତ୍ ଆପଣ ସମସ୍ତ ପ୍ରାଣୀଙ୍କ ହୃଦୟରେ ବିରାଜମାନ କରନ୍ତି ତଥାପି ଯେଉଁ ଲୋକ ଆପଣଙ୍କର ନାମଜପରେ ବିମୁଖ ସେମାନଙ୍କୁ ଆପଣ ନିଜ ମାୟାରେ ମୋହିତ କରନ୍ତି ଏବଂ ଯେ ସେ ମନ୍ତ୍ର ଉଚ୍ଚାରଣରେ ତତ୍ପର ତାର ମାୟା ଦୂରୀଭୂତ ହୁଏ । ଏହିପରି ରାଜାଙ୍କ ସଦୃଶ ଆପଣ ସମସ୍ତଙ୍କୁ ସେମାନଙ୍କର ସେବାନୁସାରେ ଫଳ ଦାନ କରନ୍ତି ।

ଏହିପରି ଭାବରେ ଭଗବନ୍ନାମର ମହିମା ବିଭିନ୍ନ ଗ୍ରନ୍ଥରେ ବିଭିନ୍ନ ରୂପରେ ବର୍ଣ୍ଣିତ ହେବାର ଦେଖାଯାଏ ।

## ଅମୃତଭଣ୍ଡାର ଔଷଧୀୟ ଗୁଣ

**ପ**ରିବା ଝୁଡିରେ ସମସ୍ତ ପରିବା ମଧରୁ ଅମୃତଭଣ୍ଡା ହେଉଛି ଅନ୍ୟତମ ସ୍ୱାସ୍ଥ୍ୟପଯୋଗୀ ପରିବା । ଏହି ବୃକ୍ଷଟି ବର୍ଷକ ମଧରେ ଫଳବତୀ ହୋଇଥାଏ । ଭାରତୀୟମାନଙ୍କର ଏହା ଏକ ପସନ୍ଦଯୋଗ୍ୟ ଫଳ ହୋଇଥିଲେ ମଧ ଏହାର ଜନ୍ମସ୍ଥାନ ଦକ୍ଷିଣ ଆମେରିକାରେ । ଆମେରିକାର ଡ଼ନୟଷ୍ଟନ ନାମକ ଜନୈକ ଉଭିଦ ବିଜ୍ଞାନୀ ଅମୃତଭଣ୍ଡାର ଗୁଣ ବର୍ଣ୍ଣନା କରିଛନ୍ତି । ଅମୃତଭଣ୍ଡାରେ ଏବିସିଡି ଭିଟାମିନ୍ ରହିଛି । ଅନ୍ୟଫଳ ତୁଳନାରେ ଏଥିରେ ଭିଟାମିନ୍‌ର ପରିମାଣ ସର୍ବାଧିକ । ଚୋପା ଛଡାଇ କାଟିବା ପରେ ଅମୃତଭଣ୍ଡା ଧୋଇବା ଉଚିତ ନୁହେଁ । କାରଣ ଧୋଇବା ଦ୍ୱାରା ସେଥିରେ ଥିବା ଖାଦ୍ୟପ୍ରାଣ ବହୁ ପରିମାଣରେ ନଷ୍ଟ ହୋଇଥାଏ । କଞ୍ଚା ଅମୃତଭଣ୍ଡାକୁ ମାଂସ ସହ ରାନ୍ଧି ଖାଇଲେ ମାଂସ କୋମଳ, ସୁସ୍ୱାଦୁ ଓ ସହଜରେ ହଜମ ହୋଇଥାଏ । କଞ୍ଚା ଅମୃତଭଣ୍ଡାର ତରକାରୀ ଖାଇଲେ ମହିଳା ମାନଙ୍କର ସ୍ତନ୍ୟବୃଦ୍ଧି ହୋଇଥାଏ । ଅତିସାର, ରକ୍ତାତିସାର ଓ ଅର୍ଶ ରୋଗରେ ବହୁଦିନ ଭୋଗିଲେ ଚିକିତ୍ସକମାନେ କଞ୍ଚା ଓ ପାଚିଲା ଅମୃତଭଣ୍ଡାକୁ ରୋଗୀମାନଙ୍କୁ ଦୈନିକ ଖାଦ୍ୟ ତାଲିକାରେ ରଖିବାକୁ ପରାମର୍ଶ ଦେଇଥାନ୍ତି । ବୟସ୍କମାନଙ୍କ ଯକୃତ ସମ୍ବନ୍ଧୀୟ ସମସ୍ୟା ଦେଖାଦେଲେ କିମ୍ବା ଅଜୀର୍ଣ୍ଣ ଓ



ଅର୍ଶରୋଗ ଭୋଗିଲେ ସେମାନେ କଞ୍ଚା ଓ ପାଚିଲା ଅମୃତଭଣ୍ଡା ଖାଇଲେ ଶୀଘ୍ର ରୋଗମୁକ୍ତ ହୋଇଥାନ୍ତି । କଞ୍ଚା ଅମୃତଭଣ୍ଡାକୁ ଲୁଣ ସହ ଚୋବାଇ ଖାଇଲେ ଦୁଇଶହ ଗୁଣ ଓଜନର ତୈଳାକ୍ତ ଖାଦ୍ୟ ହଜମ ହୋଇଥାଏ । ପାଚିଲା ଅମୃତଭଣ୍ଡା ମଧ ଏକ ଉତ୍କୃଷ୍ଟ ଖାଦ୍ୟ ଏହା ସହଜରେ ହଜମ ହୁଏ । ଏହା ସ୍ୱାଭାବିକ କୋଷ୍ଠ ବଦ୍ଧତାରେ ଉପକାରୀ । ଏହା ଅଜୀର୍ଣ୍ଣ ଓ ରକ୍ତସ୍ରାବୀ ଅର୍ଶରୋଗରେ ଅତ୍ୟନ୍ତ ଉପକାରୀ ।

# କଳିଯୁଗେ ନାମ ହିଁ କେବଳମ୍

କୀର୍ତ୍ତନର ପ୍ରଭାବ ଅଲୌକିକ । କୀର୍ତ୍ତନର ପ୍ରଭାବରେ ଭଗବାନ୍ ବିନା ନିମନ୍ତ୍ରଣରେ ଆସି ପହଞ୍ଚି ଯାଆନ୍ତି । କୀର୍ତ୍ତନର ଆଭାସମାତ୍ରେ ସମସ୍ତ ଦୁଃଖ, ଦୁର୍ବ୍ୟସନ ପାପରାଶି ଦୂର ହୋଇଯାଏ ମନୁଷ୍ୟକୁ ପାପ ସ୍ପର୍ଶ କରେ ନାହିଁ । ଭଗବାନଙ୍କର ଯାହା ପ୍ରଭାବ, ନାମ ସଂକୀର୍ତ୍ତନର ମଧ ସେହି ପ୍ରଭାବ ଅନୁଭୂତ ହୁଏ । କୀର୍ତ୍ତନର ପ୍ରଭାବରେ ସଦ୍‌ଗୁଣ, ସଦାଚାର ଭକ୍ତ ହୃଦୟରେ ଆବିର୍ଭୂତ ହୁଅନ୍ତି । ଭଗବାନ୍ ଶ୍ରୀକୃଷ୍ଣ ଶ୍ରୀମଭଗବଦ୍ ଗୀତାରେ ଅର୍ଜୁନଙ୍କୁ ବହୁ ଉପଦେଶ ଦେଇଛନ୍ତି ।

ଅପି ଚେତ୍ ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍ ।

ସାଧୁରେବ ସମନ୍ତବ୍ୟଃ ସମ୍ୟଗ୍ ବ୍ୟବସିତୋ ହି ସଃ ।

କ୍ଷିପ୍ରଂ ଭବତି ଧର୍ମାତ୍ମା ଶାଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।

କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତ ପ୍ରଣଶ୍ୟତି । । (ଗୀତା ୯/୩୦-୩୧)

ଅର୍ଥାତ୍ ଯଦି କୌଣସି ଅତିଶୟ ଦୁରାଚାର ବ୍ୟକ୍ତି ମଧ ମୋର ଭକ୍ତ ହୋଇ ମୋତେ ଭଜନ, କୀର୍ତ୍ତନ କରେ ତେବେ ସେ ଶୀଘ୍ର ଧର୍ମପରାୟଣ ହୁଅନ୍ତି ଓ ଚିରକାଳ ଶାନ୍ତିଲାଭ କରନ୍ତି । ହେ କୌନ୍ତେୟ । ମୋର ଭକ୍ତ କଦାପି ବିନାଶପ୍ରାପ୍ତ ହୁଅନ୍ତି ନାହିଁ, ଏହା ତୁମେ ପ୍ରତିଜ୍ଞା କରି କହିପାର ।

ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।

ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ । । (ଗୀତା ୧୮/୬୬)

ଅର୍ଥାତ୍ ସବୁ ଧର୍ମ ପରିତ୍ୟାଗ କରି ଏକମାତ୍ର ମୋର ଶରଣାପନ୍ନ ହୁଅ ଶୋକାକୁଳ ହୁଅ ନାହିଁ, କାରଣ ମୁଁ ମଦେକ ଶରଣ ତୁମ୍ଭଙ୍କୁ, ସର୍ବପ୍ରକାର ପାପରୁ ରକ୍ଷା କରିବି ।

ସଂକୀର୍ତ୍ତନ ଗତିମୁକ୍ତିର ସାଧନ । ଜୀବନକାଳରେ ନାମ ସଂକୀର୍ତ୍ତନ ପରମଗତିର କାରଣ । ମୃତ୍ୟୁ ସମୟରେ ଏବଂ ମୃତ୍ୟୁ ପରେ ନାମ ସଂକୀର୍ତ୍ତନ ପରଲୋକର ଆତ୍ମାର ଶାନ୍ତିଦାୟକ ହୁଏ । ଅନ୍ତ୍ୟେଷ୍ଟି ସଂସ୍କାର ମୀମାଂସାରେ ଉଲ୍ଲେଖ ଅଛି ଯେ, ମ୍ରିୟମାଣ ମନୁଷ୍ୟକୁ ଶ୍ରୀମଭାଗବତ ମହାପୁରାଣ ଶୁଣାଇବା ଉଚିତ । କାରଣ ଶ୍ରୀମଭାଗବତ ସବୁ ପ୍ରକାର କୀର୍ତ୍ତନର ସମନ୍ୱୟ ଅଟେ । ଅନ୍ତସମୟରେ ଶ୍ରୀମଭାଗବତର ଏକ ଶ୍ଳୋକ, ଅର୍ଦ୍ଧେକ ଶ୍ଳୋକ ବା ଶ୍ଳୋକର ଏକପାଦ ମାତ୍ର ପାଠ କଲେ ବ୍ରହ୍ମଲୋକ ପ୍ରାପ୍ତି ହୁଏ, ପୁନଃ ଭୂଲୋକରେ ଜନ୍ମ ମିଳେ ନାହିଁ ।

କଳିକାଳରେ ମାନବକଲ୍ୟାଣ ଏବଂ ବିଶ୍ୱଶାନ୍ତି ନିମିତ୍ତ ଶ୍ରୀହରି ନାମ ବ୍ୟତୀତ ଅନ୍ୟ କିଛି ସୁଲଭ ସାଧନ ନାହିଁ । ଏଥିପାଇଁ ଶାସ୍ତ୍ରରେ କୁହାଯାଇଛି ଯେ, ଭଗବାନ୍ ଶ୍ରୀହରିଙ୍କର ନାମ ହିଁ ଏକମାତ୍ର ଜୀବନ ଅଟେ । କଳିଯୁଗରେ ଏହାଠାରୁ ବଳି ଆଶ୍ରୟ ଆଉ କିଛି ନାହିଁ ।

ହରେର୍ନାମୈବ ନାମୈବ ନାମୈବ ମମ ଜୀବନମ୍ ।

କଳୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା । (ନାରଦପୁରାଣ ୪୧/୧୧୫)

ଶ୍ରୀମଭାଗବତ ଦ୍ୱାଦଶସ୍କନ୍ଧ ତୃତୀୟ ଅଧାୟରେ ଶ୍ରୀଶୁକଦେବ ରାଜା ପରୀକ୍ଷିତଙ୍କୁ କଳିଯୁଗର ବିଶେଷତା ବର୍ଣ୍ଣନା ପ୍ରସଙ୍ଗରେ କହିଛନ୍ତି-

କଳେର୍ଦୋଷନିଧେ ରାଜନ୍ନସ୍ତି ହ୍ୟେକୋ ମହାନ୍ ଗୁଣଃ ।

କୀର୍ତ୍ତନାଦେବ କୃଷ୍ଣସ୍ୟ ମୁକ୍ତସଙ୍ଗଃ ପରଂ ବ୍ରଜେତ୍ । ।

କୃତେ ଯଦ୍ ଧାୟତୋ ବିଷ୍ଣୁଂ ତ୍ରେତାୟାଂ ଯଜତୋ ମଖୈଃ ।

ଦ୍ୱାପରେ ପରିଚର୍ଯ୍ୟାୟାଂ କଳୌ ତଦ୍ଧରିକୀର୍ତ୍ତନାତ୍ । (ଶ୍ରୀମଭାଗବତ ୧୨/୩/୫୧-୫୨)

ହେ ରାଜନ୍! କଳିଯୁଗ ହେଉଛି ଦୋଷର ଖଣି, ପରନ୍ତୁ ଏଥିରେ ଏକ ମହାନ୍ ଗୁଣ ରହିଛି । ସେହି ଗୁଣଟି ହେଲା ଯେ କଳିଯୁଗରେ କେବଳ ଭଗବାନ୍ ଶ୍ରୀକୃଷ୍ଣଙ୍କର ସଂକୀର୍ତ୍ତନ କରିବାମାତ୍ରେ ହିଁ ସମସ୍ତ ଆସକ୍ତି କଟିଯାଏ ଏବଂ ପରମାତ୍ମାଙ୍କର ପ୍ରାପ୍ତି ହୋଇଯାଏ । ସତ୍ୟଯୁଗରେ ଭଗବାନଙ୍କର ଧାନ କରିବା ଦ୍ୱାରା, ତ୍ରେତାରେ ଯଜ୍ଞାନୁଷ୍ଠାନ କରି ତାଙ୍କ ଆରାଧନା କରିବା ଦ୍ୱାରା ଦ୍ୱାପରରେ ବିଧିପୂର୍ବକ ପୂଜାସେବା ଦ୍ୱାରା ଯାହା ଫଳ ମିଳେ, ତାହା କଳିଯୁଗରେ କେବଳ ଭଗବନାମ ସଂକୀର୍ତ୍ତନ କରିବା ଦ୍ୱାରା ହିଁ ପ୍ରାପ୍ତ ହୋଇଯାଏ ।

ଭକ୍ତଶିରୋମଣି ରାମ ଭକ୍ତ ତୁଳସୀଦାସ ନାମ ମହିମା ବର୍ଣ୍ଣନା କରି କଳିଯୁଗରେ ଏହାହିଁ ଏକମାତ୍ର ଶ୍ରେୟ କର୍ମ ବୋଲି କହିଛନ୍ତି-

କଳିଯୁଗ କେବଳ ହରିଗୁନ ଗାହା ।
ଗାବତ ନର ପାବହିଁ ଭବ ଥାହା । ।
କଳିଯୁଗ ଯୋଗ ନ ଯଜ୍ଞ ନ ଗ୍ୟାନ ।
ଏକ ଆଧାର ରାମ ଗୁନଗାନା । ।

ଶ୍ରୀମଭାଗବତର ଅନ୍ତିମ ଶ୍ଳୋକରେ ନାମ ସଂକୀର୍ତ୍ତନ ପ୍ରସଙ୍ଗରେ ହିଁ ଗ୍ରନ୍ଥର ସମାପ୍ତି ଘଟିଛି ।

ନାମ ସଂକୀର୍ତ୍ତନଂ ଯସ୍ୟ ସର୍ବପାପପ୍ରଣାଶନମ୍ ।

ପ୍ରଣାମୋ ଦୁଃଖଶମନଃ ତଂ ନମାମି ହରିଂ ପରମ୍ । ।

ଅର୍ଥାତ୍ ଯେଉଁ ଭଗବାନଙ୍କର ନାମ ସଂକୀର୍ତ୍ତନ ସମସ୍ତ ପାପକୁ ସର୍ବଦା ନଷ୍ଟ କରେ ଏବଂ ଯେଉଁ ଭଗବାନଙ୍କ ଚରଣରେ ଆତ୍ମସମର୍ପଣ, ତାଙ୍କ ଚରଣରେ ପ୍ରଣତି ସର୍ବଦା ସମସ୍ତ ପ୍ରକାର ଦୁଃଖକୁ ଶାନ୍ତ କରେ ସେହି ପରମତତ୍ତ୍ୱସ୍ୱରୂପ ଶ୍ରୀହରିଙ୍କୁ ମୁଁ ନମସ୍କାର କରୁଛି ।

ପ୍ରଭୁଙ୍କ ଲୀଳାକୁ ମନେ ମନେ ଚିନ୍ତା କରିବା ହେଲା ସ୍ମରଣ । ମହାମୁନି ନାରଦ କହିଛନ୍ତି– " ଯଃ ସ୍ମରେତ୍ ପୁଣ୍ଡରୀକାକ୍ଷଂ ସଃ ବାହ୍ୟାଭ୍ୟନ୍ତରୋ ଶୁଚିଃ । ଯେଉଁ ବ୍ୟକ୍ତି ପଦ୍ମଲୋଚନ ହରିଙ୍କୁ ସ୍ମରଣ କରନ୍ତି ସେ ଅନ୍ତରରେ ଓ ବାହ୍ୟରେ ଶୁଦ୍ଧ ହୋଇଯାନ୍ତି ।

ଶ୍ରୀଭଗବାନ୍ କହିଛନ୍ତି -

ଅନ୍ତକାଳେ ଚ ମାମେବ ସ୍ମରନ୍ ମୁକ୍ତା କଳେବରମ୍ ।

ଯଃ ପ୍ରଯାତି ସ ମଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ । । (ଗୀତା ୮/୫)

ଅର୍ଥାତ୍ ଯେ ମରଣ ସମୟରେ ମୋତେ (ଅନ୍ତର୍ଯ୍ୟାମୀ ସ୍ୱରୂପ ପରମେଶ୍ୱରଙ୍କୁ) ସ୍ମରଣ କରୁ କରୁ ଦେହ ତ୍ୟାଗ କରି (ଦେବଯାନ ମାର୍ଗରେ) ଗମନ କରନ୍ତି । ସେ ମୋରି ଭାବଭାବ ପ୍ରାପ୍ତ ହୁଅନ୍ତି । ଏଥିରେ ସନ୍ଦେହ ନାହିଁ । ସ୍ମରଣ, ଜ୍ଞାନଲାଭର ଉପାୟ ଓ ମଦ୍‌ଭାବ ପ୍ରାପ୍ତି ଏହାର ଫଳ ଅଟେ ।

କେବଳ ମୃତ୍ୟୁକାଳରେ ନୁହେଁ ଯେ କୌଣସି ବିପଦ ସମୟରେ ଭଗବାନଙ୍କୁ ସ୍ମରଣ କଲେ ଦୁଃଖ ଦୂର ହୁଏ । ଏଣୁ ପ୍ରତ୍ୟେକ ମନୁଷ୍ୟ ତାର ନିତ୍ୟ କାର୍ଯ୍ୟ ସହ ଶ୍ରୀଭଗବାନଙ୍କୁ ସ୍ମରଣ କରି ସ୍ୱୟଂ ପରମେଶ୍ୱରଙ୍କର ସାନ୍ନିଧ ଲାଭ କରିବା ବିଧେୟ ।

# ଅମୃତର କବି ମିତ୍ରଭାନୁ ଗୌନ୍ତିଆ

## ଯଶୋବନ୍ତ ବିଶ୍ୱାଳ

ସମ୍ବଲପୁରୀ ଭାଷା ସାହିତ୍ୟ ଗଗନର ଜ୍ୟୋତିଷ୍କ ଭାବରେ ଯେଉଁ କେତେକ ସାରସ୍ୱତ ଜ୍ୟୋତି ପ୍ରତିଭାତ ହୁଅନ୍ତି ତନ୍ମଧରୁ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଏକ ଜାଜ୍ୱଲ୍ୟମାନ୍ ଜ୍ୟୋତିଷ୍କ । କବି ଗୌନ୍ତିଆଙ୍କ ଲେଖନୀ ନିଃସୃତ କବିତା 'ରଂଗବତୀ' ଯେପରି ଜନାଦୃତି ଲାଭକରି ଦେଶ ବିଦେଶରେ ସମ୍ବଲପୁରୀ ଭାଷା ସାହିତ୍ୟର ବିଜୟ ବୈଜୟନ୍ତୀ ଉଡାଇ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରି ପାରିଛି ଅନ୍ୟ କୌଣସି ଭାଷା ସାହିତ୍ୟର କବିତା ଏତେ ଆଦର ପ୍ରାପ୍ତ କରି ପାରି ନାହାନ୍ତି । କବି ଗୌନ୍ତିଆ କେବଳ ରଂଗବତୀ ନୁହେଁ ଶହ ଶହ ଗୀତ, ଅନେକ ଗୀତିନାଟ୍ୟ ତଥା କାବ୍ୟସମୂହର ନିଖୁଣ ସ୍ରଷ୍ଟା । କବିଙ୍କ ଶତାଧିକ କବିତାମାନଙ୍କ ମଧରୁ ବୈଦିକ ଚେତନା ସମ୍ବଳିତ, ମହୋଦାର ଭାବନା ପ୍ରସୂତ କବିତାଟି 'ବିଶ୍ୱେ ଅମୃତଝରୁ' ।

ସମଗ୍ର ବିଶ୍ୱକୁ ଅମୃତମୟ କରିବାର କି ଉଚ୍ଚାଙ୍ଗ ପରିକଳ୍ପନା । କବି ଗୌନ୍ତିଆଙ୍କ କଲମରୁ ଝରିପଡିଥିବା କବିତା 'ବିଶ୍ୱେ ଅମୃତଝରୁ' ସାମଗ୍ରୀକ ସମୁନ୍ନତିର ତୁଙ୍ଗ ପରିଭାଷା କବିଙ୍କ ଅସାଧାରଣ ପ୍ରତିଭାର ପରିଚାୟକ ।

ଅମୃତ ଶବ୍ଦ ଉଚ୍ଚାରଣମାତ୍ରେ ସ୍ୱତଃ ମନେପଡେ ଦେବ ଦାନବ ମଧରେ ହୋଇଥିବା ସମୁଦ୍ର ମନ୍ଥନ ଆଖ୍ୟାନ । ଅମୃତ ଯେତେବେଳେ ସମୁଦ୍ର ମନ୍ଥନରୁ ଆବିର୍ଭାବ ଘଟିଛି ଦେବ ଦାନବ ମଧରେ ଉପନ୍ନ ହୋଇଛି ଗଣ୍ଡଗୋଳ । ଅମୃତର ଏତେ ମହତ୍ତ୍ୱ । ପରିସ୍ଥିତିର ଭୟାବହତାକୁ ଅନୁଭବ କରି ସ୍ୱୟଂ ବିଷ୍ଣୁ ମୋହିନୀ ରୂପ ଧାରଣ କରି ଦେବତାମାନଙ୍କ ମଧରେ ହିଁ ଅମୃତକୁ ବାଣ୍ଟିଥିଲେ । ଛଦ୍ମରୂପରେ ଥିବା ଦାନବ ରାହୁ ଓ କେତୁକୁ ଅମୃତ ପ୍ରାପ୍ତି ସଂଗେ ସଂଗେ ସୁଦର୍ଶନ ଚକ୍ରରେ ମସ୍ତକ ଛେଦ କରିଥିଲେ । ଏ ଉପାଖ୍ୟାନ ଏଠି ବର୍ଣ୍ଣନା କରିବାର ଅଭିପ୍ରାୟ ଯେ, ଯିଏ ଅମୃତ ପାଇଲା ସେ ହେଲା ଅମର । ଦେବତାମାନଙ୍କର ଅନ୍ୟ ନାମ ଅମର ଅର୍ଥାତ୍ ଅ+ମୃତ ସେମାନେ ମରି ନାହିଁ । ଯିଏ ଅମୃତ ପାଇଲା ସେ ଅମର । ଅମୃତ କହିଲେ କ'ଣ ? ଏହା ଫୁଲ କି ଫଳ ? ଏହା ଖାଦ୍ୟ କି ପାନୀୟ ? କି ଜିନିଷ ? ଯାହାକି ମରିବାକୁ ଦିଏ ନାହିଁ । ଅମୃତ ଅମର କରି ରଖେ । ଏ ଲେଖକର କ୍ଷୁଦ୍ର ବୁଦ୍ଧି ଅନୁସାରେ ମନୁଷ୍ୟର ମହତକର୍ମ ଯାହାକି ସମାଜ, ଦେଶ ଜାତି ପାଇଁ ସଂପୂର୍ଣ୍ଣ ଉତ୍ସର୍ଗୀକୃତ, ଯାହାକି ଯୁଗ ଯୁଗ ପର୍ଯ୍ୟନ୍ତ ମରିବାକୁ ଦିଏ ନାହିଁ ତାହାହିଁ ଅମୃତ । ବେଦ, ଉପନିଷଦ ଗୀତା, ଭାଗବତ, ରାମାୟଣ ମହାଭାରତ ଭଳି ସଦୁପଦେଶ ପ୍ରଦାନକାରୀ ମହାର୍ଘ୍ୟ ସାରସ୍ୱତ କୃତିର ସ୍ରଷ୍ଟା, ଦେଶ ଜାତି ପାଇଁ ଆତ୍ମୋତ୍ସର୍ଗ କରିଥିବା ମହାନ ଜନନାୟକ ବୃନ୍ଦ ହିଁ ଅଜର, ଅମର ଚିରସ୍ମରଣୀୟ । ଚିର ସ୍ମରଣୀୟ ବ୍ୟକ୍ତି ହିଁ 'ଅମର, ଅମୃତ ପ୍ରାପ୍ତ । ମୁନୀଋଷି, ବାଲ୍ମୀକି, ବ୍ୟାସ, କାଳିଦାସ, ଉପେନ୍ଦ୍ର ଭଞ୍ଜ, ଗଙ୍ଗାଧର ମେହେର, ଖଗେଶ୍ୱର ଶେଠ ପରି କାଳଜୟୀ ସାହିତ୍ୟ ସ୍ରଷ୍ଟା, ମହାତ୍ମା ଗାନ୍ଧୀ, ସୁଭାଷ ଭୋଷ, ପଣ୍ଡିତ ଜବାହର ଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଲାଲ ବାଳ ପାଳ, ବୀର ସୁରେନ୍ଦ୍ର ସାଏ ଭଳି ସମାଜ ପାଇଁ ସମର୍ପିତ ବ୍ୟକ୍ତିତ୍ୱମାନେ ଅମୃତ ପ୍ରାପ୍ତ । ସେମାନଙ୍କର ଅବର୍ତ୍ତମାନରେ ମଧ ମନେ ପଡୁଥିବାରୁ ଆମର ପୂଜ୍ୟ ହୋଇ ଅମର ଆଖ୍ୟାରେ ଆଖ୍ୟାୟିତ । ସେମାନେ ଅମୃତ ପ୍ରାପ୍ତ ।

ଏ ବିଶ୍ୱ ହେଉଛି ଅମୃତର ଭଣ୍ଡାର । କବି ବିଶ୍ୱର ସର୍ବତ୍ର ଅମୃତ୍ୱକୁ ଅନୁଭବ କରିଛନ୍ତି । ନିଜ ସଂକୀର୍ଣ୍ଣ ମନୋଭାବକୁ ପରିହାର କରି ସାମଗ୍ରୀକ ଭାବନା, ବୈଶ୍ୱିକ ଚିନ୍ତନକୁ ନିରୀକ୍ଷଣ କରି ଲେଖିଛନ୍ତି-

ବିଶ୍ୱେ ମହୁଝରା ଅମୃତ ପଝରା
ଦୟା, କ୍ଷେମା, ଶାନ୍ତି ଭରୁ
ଅହିଂସା ମନ୍ତରି ଭବୁ ଯାଅ ତରି
ବିଶ୍ୱ ନୂଆଁ ରୂପ ଧରୁ ।

କବି ଗୌନ୍ତିଆଙ୍କର କି ଉଚ୍ଚକୋଟୀର ପରିକଳ୍ପନା । ବିଶ୍ୱେ ମହୁଝରୁ, ଅମୃତ ପ୍‌ଝରୁ, ଦୟା, କ୍ଷମା, ଶାନ୍ତି, ଅହିଂସା ମନରେ ବିଶ୍ୱ ଜନତା ଅଭିମନ୍ତ୍ରିତ ହୋଇ ନିଷ୍ଠୁର, ନିର୍ଦ୍ଦୟ, ଅଶାନ୍ତି, ହିଂସା ପରିହାର କରି ବିଶ୍ୱକୁ ନବ୍ୟ ମଧୁମୟ କରିବାର କି ନୈସର୍ଗିକ ଭାବନା ।

(ଅବଶିଷ୍ଟାଂଶ ୪ର୍ଥ ପୃଷ୍ଠାରେ)

# ଆୟୁଷ ବଢ଼ାଏ ଗହମ

ଭୋଜନରେ ଅଧିକ ମାତ୍ରାରେ ଗହମ ଜାତୀୟ ଶସ୍ୟକୁ ସାମିଲ କରିବା ଦ୍ୱାରା ଅସମୟରେ ମୃତ୍ୟୁର ଆଶଙ୍କା ଦୂର ହୋଇଥାଏ । ଆମେରିକାର ହାର୍ଭାର୍ଡ ଟି.ଏଚ୍.ଚାନ୍ ସ୍କୁଲ ଅଫ୍ ପବ୍ଲିକ ହେଲ୍‌ଥର ଗବେଷକମାନେ ଏକ ଗବେଷଣାରୁ ଏହି ତଥ୍ୟ ଜାଣିବାକୁ ପାଇଛନ୍ତି । ସେମାନଙ୍କ ମତରେ ଗହମ ଜାତୀୟ ଶସ୍ୟରେ ବିଭିନ୍ନ ପ୍ରକାରର ଜୈବ ସକ୍ରିୟ ଗୁଣ ରହିଥାଏ । ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ । ଏଥିପାଇଁ ଗବେଷକଙ୍କ ମତାନୁସାରେ ଚୋକଡ଼ ଯୁକ୍ତ ଅଟା ଏବଂ ଗହମ ଜାତୀୟ ଶସ୍ୟରେ ପ୍ରସ୍ତୁତ ଦଲିଆକୁ ପ୍ରତିଦିନ ଖାଦ୍ୟରେ ସାମିଲ୍ କରିବା ଉଚିତ୍ । ଯେଉଁ ଲୋକମାନେ ପ୍ରତିଦିନ ଅତିକମରେ ୭୦ ଗ୍ରାମ୍ ଗହମରେ ପ୍ରସ୍ତୁତ ଖାଦ୍ୟ ଖାଇଥାନ୍ତି ସେମାନଙ୍କୁ ଅସମୟରେ ମୃତ୍ୟୁର ଆଶଙ୍କା ୨୨ ପ୍ରତିଶତ କମ୍ ରହିଥାଏ ଏବଂ ହୃଦରୋଗରେ ମୃତ୍ୟୁର ଭୟ ଅନ୍ୟମାନଙ୍କ ଅପେକ୍ଷା ୨୩ ପ୍ରତିଶତ କମ୍ ରହିଥାଏ ।



# ଆଜିର ଚିନ୍ତନ

ପ୍ରଳୟଙ୍କର । ମହାଭାରତ ଯୁଦ୍ଧ ଚାଲିଥାଏ । ଶତ୍ରୁର ମୁକାବିଲା କରୁକରୁ ଅର୍ଜୁନ ଯୁଦ୍ଧକ୍ଷେତ୍ରରୁ ବହୁ ଦୂରକୁ ଚାଲି ଯାଇଥିଲେ । ଅର୍ଜୁନଙ୍କ ଅନୁପସ୍ଥିତିରେ ପାଣ୍ଡବଙ୍କୁ ପରାସ୍ତ କରିବା ନିମନ୍ତେ ଗୁରୁ ଦ୍ରୋଣାଚାର୍ଯ୍ୟ ଚକ୍ରବ୍ୟୂହ ରଚନା କରିଥିଲେ । ଅର୍ଜୁନଙ୍କ ପୁତ୍ର ଅଭିମନ୍ୟୁ ଚକ୍ରବ୍ୟୂହ ଭେଦ କରି ଭିତରକୁ ପ୍ରବେଶ କରିଥିଲେ । ଦୁର୍ଯ୍ୟୋଧନ, କର୍ଣ୍ଣ, ଜୟଦ୍ରଥ ପ୍ରମୁଖ ସପ୍ତ ମହାରଥୀ ଅନ୍ୟାୟ ସମରରେ ମିଳିତ ହୋଇ ବାଳକ ଅଭିମନ୍ୟୁ ଉପରେ ଆକ୍ରମଣ କରିବାରୁ ବୀରଗତି ପ୍ରାପ୍ତ ହୋଇଥିଲେ ଅଭିମନ୍ୟୁ ।

ଅଭିମନ୍ୟୁଙ୍କର ମୃତ୍ୟୁ ସମ୍ବାଦ ଶୁଣି ମଧମ ପାଣ୍ଡବ କ୍ରୋଧରେ ଉନ୍ମତ୍ତ ହୋଇଯାଇଥିଲେ । ଜାଣିବାକୁ ପାଇଥିଲେ ଯେ ଜୟଦ୍ରଥ ହିଁ ଅଭିମନ୍ୟୁଙ୍କ ହତ୍ୟା ନିମନ୍ତେ ମୁଖ୍ୟତଃ ଦାୟୀ । ପ୍ରତିଜ୍ଞା କରିଥିଲେ ଆଗାମୀ କାଲିର ସୂର୍ଯ୍ୟାସ୍ତ ପୂର୍ବରୁ ଯଦି ଜୟଦ୍ରଥଙ୍କୁ ବଧ ନକରେ ତେବେ ମୁଁ ଅଗ୍ନିରେ ଝାସ ଦେବି । ଜୟଦ୍ରଥ ଏହି ପ୍ରତିଜ୍ଞା ସମ୍ପର୍କରେ ଜାଣି ଭୟଭୀତ ହୋଇ ଦୁର୍ଯ୍ୟୋଧନଙ୍କ ଶରଣ ପଶିଥିଲେ । ଦୁର୍ଯ୍ୟୋଧନ ତାଙ୍କର ଭୟ ଦୂର କରିବା ପାଇଁ ଆଶ୍ୱାସନା ଦେଇ କହିଥିଲେ -'ଚିନ୍ତା ପରିହାର କର ମିତ୍ର । ଆଗାମୀ କାଲି ସାରା କୌରବସେନା ତୁମକୁ ସୁରକ୍ଷା ଦେବେ । ଅର୍ଜୁନ କେବେ ବି ତୁମ ନିକଟରେ ପହଞ୍ଚି ପାରିବ ନାହିଁ, ମାରିବା ତ ଦୂରର କଥା । ସେ ନିଶ୍ଚୟ ଅଗ୍ନିରେ ଝାସ ଦେବ ।

ଆଗାମୀ ଦିନ ଯୁଦ୍ଧରେ ଅର୍ଜୁନଙ୍କ ଆଖି ଖୋଜୁଥାଏ ଜୟଦ୍ରଥଙ୍କୁ, ହେଲେ ପାଉ ନଥାନ୍ତି । ଦିବସର ଅବସାନ ନିକଟ ହୋଇ ଆସୁଥାଏ । ଅର୍ଜୁନଙ୍କ ନିରାଶା ବଢ଼ି ଯାଇଥିଲା । ତାଙ୍କର ମନ ସ୍ଥିତି ଲକ୍ଷ୍ୟକରି ସାରଥି କୃଷ୍ଣ କହିଥିଲେ- 'ମିତ୍ର ! ଲାଗୁଛି କୌରବ ସେନା ଜୟଦ୍ରଥଙ୍କୁ ସୁରକ୍ଷିତ ରଖୁଛନ୍ତି । ତୁମେ ସେମାନଙ୍କୁ ନାଶ କରି ଆଗକୁ ବଢ଼ । ଅର୍ଜୁନ ତାହା ହିଁ କରିଥିଲେ, କିନ୍ତୁ ଟେର୍‌ପାଇ ନ ଥିଲେ ଜୟଦ୍ରଥଙ୍କର ।

ସନ୍ଧ୍ୟା ହେବାର ପ୍ରାକ୍‌କାଳରେ ମାୟାବୀ ଶ୍ରୀକୃଷ୍ଣ ପ୍ରିୟ ସଖାଙ୍କୁ ରକ୍ଷା କରିବା ପାଇଁ ମାୟା ଭିଆଇଥିଲେ । ଚକ୍ର ଆଢୁଆଳରେ ସୂର୍ଯ୍ୟଙ୍କୁ ଲୁଚାଇ ଦେବାରୁ ସନ୍ଧ୍ୟା ଭଳି ପ୍ରତୀତ ହେଲା । କୌରବ ଶିବିରରେ ଆନନ୍ଦ ଉଲ୍ଲାସ ଖେଳିଗଲା । ଜୟଦ୍ରଥ ମଧ ଏଇ ମଉକାରେ ଲୁଚିବା ସ୍ଥାନରୁ ବାହାରି ଆସି ଖୁସି ମନାଇଥିଲେ ଅର୍ଜୁନଙ୍କ ମୃତ୍ୟୁ ଆସନ୍ନ ଜାଣି । ପ୍ରତିଜ୍ଞାକୁ ସମ୍ମାନ ଜଣାଇ ଅର୍ଜୁନ ଚିତା ପ୍ରସ୍ତୁତ କରିଥିଲେ ଝାସ ଦେବା ପାଇଁ । କୌରବଙ୍କ ମଧରେ ଏଇ ଦୃଶ୍ୟ ଦେଖି ନାହିଁ ନ ଥିବା ଆନନ୍ଦ ଖେଳି ଯାଇଥାଏ ।

ଅର୍ଜୁନଙ୍କ ମୃତ୍ୟୁ ନିଶ୍ଚିତ ଜାଣି ଜୟଦ୍ରଥ ସମ୍ମୁଖକୁ ଆସି ଅଟ୍ଟହାସ୍ୟ କରିଥିଲେ ଖୁସିରେ । ଏହା ହିଁ ଥିଲା ସୁଯୋଗ । ସଖାଙ୍କ ଉଦ୍ଦେଶ୍ୟରେ ଶ୍ରୀକୃଷ୍ଣ କହିଥିଲେ- 'ପାର୍ଥ ! ଶତ୍ରୁ ତୁମ ସମ୍ମୁଖରେ, ଗାଣ୍ଡିବ ଉଠାଅ ଓ ଶତ୍ରୁ ନିଧନ କର । ଏବେ ବି ସୂର୍ଯ୍ୟାସ୍ତ ହୋଇନାହିଁ, ଦେଖ ।' ଏହା କହି ମାୟା ଦୂର କରିଦେଲେ । ଚକ୍ର ଆଢୁଆଳରୁ ସୂର୍ଯ୍ୟ ଦେବତା ଝଲସି ଉଠିଥିଲେ । ସୂର୍ଯ୍ୟାସ୍ତ ହୋଇନାହିଁ ବୋଲି ଜାଣିବାପରେ ଜୟଦ୍ରଥ ତୀବ୍ର ଗତିରେ ପୁନଃ ଆତ୍ମଗୋପନ ପାଇଁ ପ୍ରୟାସ କରୁଥିଲାବେଳେ ଅର୍ଜୁନ ଗାଣ୍ଡିବ ଧରି ପ୍ରସ୍ତୁତ ହୋଇଯାଇଥିଲେ ତୀର ଚାଳନା ଲାଗି । ଏଇ ସୁଯୋଗରେ ଶ୍ରୀକୃଷ୍ଣ ସତର୍କ କରାଇ ଦେଇ କହିଥିଲେ- ସଖା ! ଜୟଦ୍ରଥଙ୍କ ପିତା ତାଙ୍କୁ ଏଇ ବର ଦେଇଛନ୍ତି ଯେ ଯିଏ ତାଙ୍କ ପୁତ୍ରର ମସ୍ତକ ଛେଦନ କରି ଭୂପତିତ କରାଇବ, ତା'ର ମସ୍ତକ (ହତ୍ୟାକାରୀର) ବିଦୀର୍ଣ୍ଣ ହୋଇଯିବ । ଏଠାରୁ ଉତ୍ତର ଦିଗରେ ଶହେ-ଯୋଜନ ଦୂରରେ ଜୟଦ୍ରଥଙ୍କ ପିତା ତପସ୍ୟା କରୁଛନ୍ତି । ତୁମେ ତା'ର ମସ୍ତକ ଛେଦନ କରି କୌଶଳପୂର୍ବକ ତପସ୍ୟାରତ ପିତାଙ୍କ କୋଳରେ ପକାଇଦିଅ । ଅର୍ଜୁନ ଶ୍ରୀକୃଷ୍ଣଙ୍କ ଚେତାବନୀ ମୁତାବକ ତୀରରେ ଜୟଦ୍ରଥଙ୍କ ମସ୍ତକ କାଟି ସାଧନାରତ ପିତାଙ୍କ କୋଳରେ ପକାଇ ଦେଇଥିଲେ । ତପସ୍ୟାରତ ପିତା ଚମକିପଡ଼ି ଏହାକୁ ତଳକୁ ପକାଇ ଦେଇଥିଲେ । ଭୂମିରେ ଏହା ପଡ଼ିବା ପରେ ତାଙ୍କର ମସ୍ତକ ବିଦୀର୍ଣ୍ଣ ହୋଇଯାଇଥିଲା । ଏହା ସହ ପୂର୍ଣ୍ଣ ହୋଇଥିଲା ଅର୍ଜୁନଙ୍କ ପ୍ରତିଜ୍ଞା ।

ଶ୍ରୀକ୍ଷେତ୍ର

ବର୍ଷ ୨୭, ସଂଖ୍ୟା- ୧୧, ୧୨ - ୧୮ ମାର୍ଚ୍ଚ ୨୦୨୩

# ସଂସ୍କୃତିର ସୁରକ୍ଷା ହେଉ

ସଂସ୍କୃତି ହେଉଛି ଏକ ପ୍ରେରଣା-ବ୍ୟକ୍ତିଗତ ଓ ସାମୂହିକ ଆତ୍ମ ଆବିଷ୍କାରର ପ୍ରେରଣା । ସଂସ୍କୃତି ହେଉଛି ଏକ ଗୁଣାତ୍ମକ ଆସ୍ପୃହା । ପ୍ରକୃତପକ୍ଷେ କହିବାକୁ ଗଲେ ସଂସ୍କୃତି ଏକ ଅନ୍ୱେଷଣ, ଏକ ସତତ ଉଦ୍ୟମ, ସତତ ଆହ୍ୱାନଗୁଡ଼ିକୁ ଆବିଷ୍କାର କରି ସେଗୁଡ଼ିକର ସମ୍ମୁଖୀନ ହେବାର ଏକ ଉଦ୍ୟମ । ଜନ୍ମ ସହ ସାଂସ୍କୃତିକ ବିଚାର ବା ଅବବୋଧ ଯୋଡ଼ି ହୁଏନାହିଁ । ବ୍ୟକ୍ତିର ସାମର୍ଥ୍ୟ ଉପରେ ଏହା ନିର୍ଭରଶୀଳ । ପୁରୁଷାନୁକ୍ରମେ ଧାରାବାହିକ ଭାବରେ ମାନବ ଗୋଟିଏ ଗୋଷ୍ଠୀର ଅଂଶ ଭାବରେ ସାଉଁଟି ନେଇଥିବା ଅନୁଭୂତି ଓ ଅଭିଜ୍ଞତାର ପୁଞ୍ଜିକୁ ଆଧାର କରି ପରମ୍ପରା 'ସଂସ୍କୃତି' ଭାବରେ ପରିଚିତ ହୁଏ । ପ୍ରତ୍ୟେକ ମାନବ ଗୋଷ୍ଠୀର ଏକ ନିର୍ଦ୍ଦିଷ୍ଟ ଆଚରଣବିଧି ରହିଥାଏ । ଜନ୍ମ ପରବର୍ତ୍ତୀ ସମୟରେ ମାନବ ଏହାକୁ ଅନୁକରଣ କରିବା ନିମନ୍ତେ ବାଧ୍ୟ ହୁଏ । ଏହାର ପରିସର ମଧ୍ୟ ପରିବ୍ୟାପ୍ତ । ସଂକ୍ଷେପରେ କହିଲେ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ ସଂସ୍କୃତି କୁହାଯାଏ ।

ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତ । ବହୁ ଚିନ୍ତା, ବହୁ ବିଶ୍ୱାସ ଏବଂ ବହୁ ଆଚରଣର ସମନ୍ୱୟ ଭିତରେ ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ । ଇତିହାସକୁ ଲକ୍ଷ୍ୟକଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରା ଥାଏ ଜୀବନର ଲକ୍ଷ୍ୟ । ତେଣୁ ସଂଭ୍ରାନ୍ତ ବଣିକ କିମ୍ବା ପ୍ରତାପୀ ରାଜା ମହାରାଜା ଅପେକ୍ଷା ଏଇ ସଂସ୍କୃତିର ମୂଳ ଆଧାର ମୁନି ଋଷିଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ଲକ୍ଷ୍ୟ କରିହୁଏ ।

ପ୍ରକୃତପକ୍ଷେ କହିବାକୁ ଗଲେ ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ଏହା କୌଣସି ଧର୍ମର ପ୍ରଚାର କରେନାହିଁ । ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର । ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ୍ ଲକ୍ଷଣୀୟ । କାରଣ ବିଶ୍ୱକଲ୍ୟାଣ ହିଁ ହେଉଛି ଏହାର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ । ଆଜି କିନ୍ତୁ ସମୟର ବିକାଶ ଧାରାରେ ବଦଳିଯାଇଛି ଦୃଷ୍ଟିଭଙ୍ଗୀ । ଗତାନୁଗତିକ ଧାରାରୁ ନିଜକୁ ମୁକୁଳାଇ ଏକ ନୂଆଧାରାରେ ଆପଣାକୁ ପ୍ରକାଶ କରିବା ନିମନ୍ତେ ଚାଲିଛି ପ୍ରଚେଷ୍ଟା । ଅବଶ୍ୟ ଏହାରି ଅନ୍ତରାଳରେ ମାନବର ବୌଦ୍ଧିକ ସଫଳତାକୁ ସ୍ୱୀକାର କରାଯାଇପାରେ । ଏପରିକି ପ୍ରବୃତ୍ତି ଦୃଷ୍ଟିରୁ ମଧ୍ୟ ରୂପାନ୍ତରଣ ପ୍ରକ୍ରିୟା ହେଉଛି ମାନବର ସହଜାତ । ତେଣୁ ମାନବ ସଦାସର୍ବଦା ରୂପାନ୍ତରିତ ହେବା ନିମନ୍ତେ ଉଦ୍ୟମ କରିଆସିଛି । କିନ୍ତୁ ଏ ରୂପାନ୍ତରଣ ସଂସ୍କୃତି ସହ ନିବିଡ଼ ସମ୍ପୃକ୍ତି ମଧ୍ୟଦେଇ ହେବା ଆବଶ୍ୟକ । କାରଣ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀକୁ ସଂସ୍କୃତି କୁହାଯାଏ । ତେଣୁ ସଂସ୍କୃତିର ପ୍ରତିକୂଳ ନୁହେଁ ବରଂ ସଂସ୍କୃତିର ସମ୍ମୋହନ ଆକର୍ଷଣ ପ୍ରଗତିର ପଥକୁ ପ୍ରସାରିତ କରିଥାଏ । କାରଣ ଆଜିର ମାନବ ହେଉଛି ଆତ୍ମ ସଚେତନ, ସମୟ ସଚେତନ ତଥା ଐତିହ୍ୟ ସଚେତନ । ତା'ପାଇଁ ପରମ୍ପରା ଓ ସଂସ୍କୃତି ଅତୀତ ପ୍ରତି ଏକ ବିହ୍ୱଳ ସମ୍ପୃକ୍ତି କେବଳ ନୁହେଁ । ଏହା ହେଉଛି ମାନବ ଜୀବନର ସାରତତ୍ତ୍ୱ । ତେଣୁ ସମସ୍ତ ପ୍ରକାର ପରିବର୍ତ୍ତନ ଓ ପ୍ରଗତି ସତ୍ତ୍ୱେ ପରମ୍ପରାର ଅନୁରଣନ ସମସ୍ତ ପ୍ରକାର ପ୍ରଗତି ଅନ୍ତରାଳରେ ସୁସ୍ପଷ୍ଟ ।

ବାସ୍ତବିକ କହିବାକୁ ଗଲେ ସଂସ୍କୃତିରୂପକ ଏକ ସାମୂହିକ ଚେତନାକୁ ସ୍ୱୀକାର କରି ଅନାୟାସରେ କାଳାତିପାତ କରୁଥିଲା ମାନବ । ଆଜି କିନ୍ତୁ ସମୟର ଧାରାରେ ମାନବ ଏପରି ଏକ ଉପତ୍ୟକାର ଅଧିବାସୀ ସାଜିଛି ; ଯେଉଁଠାରେ ଆପଣାର ଅନିଚ୍ଛା ସତ୍ତ୍ୱେ ମଧ୍ୟ ସେ ଦୁଃଖୀ ଓ ଦୁର୍ବିପାକର ଅଂଶୀଦାର ହେବା ପାଇଁ ବାଧ୍ୟ । ଆଜି କେଉଁଠାରେ ପରମାଣୁ ପରୀକ୍ଷଣ ଘଟିଲେ ବଦଳିଯାଏ ସମଗ୍ର ବିଶ୍ୱର ଜଳବାୟୁ । କେଉଁଠାରେ ଯୁଦ୍ଧର ଆୟୋଜନ ହେଲେ ଛାତିରେ ପଶେ ଛନକା । ଆଜି ସମଗ୍ର ବିଶ୍ୱ ଏପରି ଏକ ସୂତ୍ରରେ ବନ୍ଧା, ଯାହା କ୍ଷଣିକ ମଧ୍ୟରେ ସର୍ବତ୍ର ଆଣିପାରେ ପରିବର୍ତ୍ତନ । ବିଶ୍ୱକୁ ଧ୍ୱଂସ କରିବାର ସାମର୍ଥ୍ୟ ନେଇ ଆମେ ଭସ୍ମାସୁରରେ ରୂପାନ୍ତରିତ ହୋଇସାରିଲେଣି । ତେଣୁ ତ ଆମ ସ୍ୱପ୍ନରେ – ସମ୍ଭାବନାରେ– ସାମର୍ଥ୍ୟରେ ବିପର୍ଯ୍ୟୟ ଭଳି ଏକ ସତ୍ୟକୁ ଅଣଦେଖା କରିହେବ ନାହିଁ ।



## ଆତ୍ମ-ଶୁଦ୍ଧି

**ମହାତ୍ମା ଗାନ୍ଧୀ**

ଆତ୍ମ-ଶୁଦ୍ଧି ବ୍ୟତୀତ ଜୀବନ ମାତ୍ରକେ ସକଳ ବସ୍ତୁ ସହିତ ଏକାତ୍ମତା ଅର୍ଜନ କରିବା ଆଦୌ ସମ୍ଭବ ନୁହେଁ । ଆତ୍ମ-ଶୁଦ୍ଧିକରଣ ବିନା ଅହିଂସା ଧର୍ମର ପାଳନ କେବଳ ଏକ ପୋଲା ସ୍ୱପ୍ନରେ ପରିଣତ ହୋଇ ରହିଥିବ । ଯାହାର ହୃଦୟ ଶୁଦ୍ଧ ନୁହେଁ, ସେ କଦାପି ଈଶ୍ୱର ଉପଲବ୍ଧି କରି ପାରିବ ନାହିଁ । ତେଣୁ, ଆତ୍ମ-ଶୁଦ୍ଧିକରଣ କହିଲେ ତାହା ଜୀବନର ଯାବତୀୟ କ୍ଷେତ୍ରରେ ଶୁଦ୍ଧିକରଣ ଦ୍ୱାରା ନିଜ ପରିପାର୍ଶ୍ୱର ବିଶୁଦ୍ଧିକରଣ ମଧ୍ୟ ଅବଶ୍ୟ ସମ୍ଭବ ହେବ । ମାତ୍ର, ବିଶୁଦ୍ଧିକରଣର ପଥଟି ଅତ୍ୟନ୍ତ କଠିନ, ଅତ୍ୟନ୍ତ ତୀଖ । ପରିପୂର୍ଣ୍ଣ ଶୁଦ୍ଧତା ହାସଲ କରିବାକୁ ହେଲେ ଆମକୁ ଭାବନାରେ, ବଚନରେ ତଥା କାର୍ଯ୍ୟରେ ସମ୍ପୂର୍ଣ୍ଣଭାବରେ ବାସନାମୁକ୍ତ ହେବାକୁ ପଡ଼ିବ । ଭଲ ପାଇବା ଓ ଘୃଣା କରିବା ଏବଂ ଆସକ୍ତି ବିକର୍ଷଣର ପରସ୍ପର ବିରୋଧୀ ସ୍ରୋତଗୁଡ଼ିକରୁ ଊର୍ଦ୍ଧ୍ୱକୁ ଉଠିବାକୁ ହେବ । ମୁଁ ଜାଣେ ଯେ, ସେଥିଲାଗି ସତତ ତଥା ଅବିରାମ ଉଦ୍ୟମ କରୁଥିବା ସତ୍ତ୍ୱେ ମୋ' ଭିତରେ ଏ ପର୍ଯ୍ୟନ୍ତ ସେହି ତ୍ରିବିଧ ଶୁଦ୍ଧତା ସମ୍ଭବ ହୋଇପାରି ନାହିଁ । ସେହି କାରଣରୁ ହିଁ ପୃଥିବୀର ପ୍ରଶଂସା ମୋତେ ଦୋହଲାଇ ଦେଇପାରୁ ନାହିଁ, ବସ୍ତୁତଃ ତାହା ଅଧିକାଂଶ ସମୟରେ ମୋତେ ଦଂଶନ ହିଁ କରୁଛି । ଅସ୍ତ୍ରବଳରେ ଜଡ଼ ପୃଥିବୀ ଉପରେ ବିଜୟ ହାସଲ କରିବା ଅପେକ୍ଷା ଏହି ସୂକ୍ଷ୍ମ କାମନାଗୁଡ଼ିକ ଉପରେ ବିଜୟପ୍ରାପ୍ତ ହେବା ମୋତେ ଅଧିକ କଠିନ ବୋଲି ମନେ ହେଉଛି । ପୃଥିବୀର ପ୍ରତ୍ୟେକ ମନୁଷ୍ୟ ଯଥାସମ୍ଭବ ଏକ ଉଚ୍ଚ ମାନର ଜୀବନ ଯାପନ କରିବାକୁ ସମର୍ଥ ହେବେ ଓ ସେମାନଙ୍କର ଶ୍ରମରୁ ଯଥାସମ୍ଭବ ଅଧିକରୁ ଅଧିକ ଲାଭ କରି ପାରୁଥିବେ, ଏଭଳି ପ୍ରତ୍ୟାଶା କରିବା ଗୋଟାଏ ଛୁଞ୍ଚିର ଫୋଡ଼ ମଧ୍ୟଦେଇ ଓଟଟାଏ ଗଳିଯିବ ବୋଲି ପ୍ରତ୍ୟାଶା କରିବା ପରି ସମାନଭାବରେ ଏକ ଅଜବ କଳ୍ପନା ହେବ । ସମଗ୍ର ସମାଜଟିଏ ଲାଗି ବିଳାସମୟ ଜୀବନର କଳ୍ପନା କଦାପି ବାସ୍ତବ ହେବନାହିଁ । ଏବଂ, ଯେତେବେଳେ ବିଳାସର କୌଣସି ସୀମା ହିଁ ନାହିଁ, ଆମେ ସେହି କ୍ଷେତ୍ରରେ ପୁଣି କେଉଁଠାଏ ଯାଇ ଅଟକିବାକୁ ମନ କରିବା ? ପୃଥିବୀର ସକଳ ଧର୍ମଗ୍ରନ୍ଥ ଠିକ୍ ଓଲଟା କଥାଟିକୁ ହିଁ ଶିକ୍ଷା ଦେଇଛନ୍ତି । 'ସରଳ ଜୀବନ ଏବଂ ଉଚ୍ଚ ଚିନ୍ତନ'ର ଆଦର୍ଶଟିକୁ ଆମ ଆଗରେ ଉପସ୍ଥାପିତ କରାଯାଇଛି । ଅଧିକାଂଶ ବୃହତ୍‌ଭାଗ ମନୁଷ୍ୟ ଏହାର ସତ୍ୟଟିକୁ ସ୍ୱୀକାର କରୁଛନ୍ତି ସତ, ମାତ୍ର ନିଜର ମନୁଷ୍ୟସୁଲଭ ଦୁର୍ବଳତା ହେତୁ ସେଠାରେ ପହଞ୍ଚିପାରୁ ନାହାନ୍ତି । ତେଣୁ, ଏପରି ଗୋଟିଏ ଜୀବନର କଳ୍ପନା କରିବା ସମ୍ପୂର୍ଣ୍ଣଭାବରେ ସମ୍ଭବ । ଆମେ ମନୁଷ୍ୟର ଦୈନନ୍ଦିନ ପ୍ରୟୋଜନଗୁଡ଼ିକରେ ବୃଦ୍ଧି କରାଇବାକୁ ଇଚ୍ଛା କଲା ମାତ୍ରକେ ମନୁଷ୍ୟ ସରଳ ଜୀବନ ଓ ଉଚ୍ଚ ଚିନ୍ତନର ଆଦର୍ଶଟିରୁ ତଳକୁ ଖସିପଡୁଛି । ଇତିହାସ ଏହାର ଭୂରି ଭୂରି ପ୍ରମାଣ ପ୍ରଦାନ କରୁଛି । ସରଳତା ହେଉଛି ବିଶ୍ୱଜନୀନତାର ମର୍ମକଥା । ଜୀବନକୁ ସରଳ ନକଲେ ମନୁଷ୍ୟର ବ୍ୟକ୍ତିତ୍ୱକୁ କେବେହେଲେ ପୁଷ୍ଟ କରିହେବ ନାହିଁ । କଥାଟିରେ ଯେଉଁ କଥାଟି ନିହିତ ରହିଛି, ମୁଁ ତାହାକୁ ସମର୍ଥନ କରୁଛି । ଏହି ଗ୍ରନ୍ଥଟି ମୋ' ଜୀବନର ମୋଡ଼କୁ ବଦଳାଇ ଦେଇଥିଲା । ପୃଥିବୀ ଆମକୁ ନେଇ ଯାହା କରୁ ବୋଲି ଆମେ ଇଚ୍ଛା କରୁଛୁ, ଆମକୁ ମଧ୍ୟ ଏକାବେଳେକେ ଏହି ଅନ୍ତର୍ବିନ୍ଦୁ ପର୍ଯ୍ୟନ୍ତ ସେହି କଥାଟିକୁ କରିବାକୁ ହେବ ।।

ମୋ' ପାପର ଫଳଗୁଡ଼ିକରୁ ମୁଁ କଦାପି ମୁକ୍ତି ଇଚ୍ଛା କରିବି ନାହିଁ । ମୁଁ ପାପରୁ ହିଁ ବା ବରଂ ପାପର ଯାବତୀୟ ଚିନ୍ତାରୁ ହିଁ ମୁକ୍ତିଲାଭ କରିବାକୁ ଇଚ୍ଛା କରୁଛି । ସେହି ଲକ୍ଷ୍ୟରେ ଯାଇ ନ ପହଞ୍ଚିଥିବା ପର୍ଯ୍ୟନ୍ତ ମୁଁ ଅସ୍ଥିର ହୋଇ ରହିବାରେ ହିଁ ସନ୍ତୋଷ ଲାଭ କରିବି ।

ରକ୍ଷଣଶୀଳ କଳ୍ପନାଟି ଅନୁସାରେ ଏହାଦ୍ୱାରା ଆଗାମୀ ଜୀବନରେ ମୁକ୍ତି ପାଇବା ବିଷୟରେ ବିଚାର କରାଯାଏ । ମୁଁ ଆପଣମାନଙ୍କୁ କହିବାକୁ ଇଚ୍ଛା କରୁଛି ଯେ, ଆମକୁ ଏହିଠାରେ ବର୍ତ୍ତମାନ ହିଁ ମୁକ୍ତିର ପ୍ରତିଶ୍ରୁତି ଦିଆଯାଇଛି ; ଆମକୁ ଏଥିପାଇଁ କେବଳ ଆବଶ୍ୟକ ସର୍ତ୍ତଗୁଡ଼ିକୁ ପୂରଣ କରିବାକୁ ହେବ । ସେହି ସର୍ତ୍ତଗୁଡ଼ିକ ହେଉଛି ପ୍ରଥମରେ ଆତ୍ମ-ଶୁଦ୍ଧିକରଣ, ଏବଂ ଦ୍ୱିତୀୟରେ ପରମ ବିଧାନଟି ପ୍ରତି ଆନୁଗତ୍ୟ । ଏହି କଥାଟିରେ ପ୍ରତ୍ୟାଶା ରଖିବା ବୃଥା ଓ ଭ୍ରାନ୍ତିକାରକ ଯେ, ଏହି ଜୀବନରେ ଆମେ ପାପର ବୋଝଟିକୁ କ୍ରମାଗତ ବହନ କରି ରହିଥିଲେ ମଧ୍ୟ ଭଗବାନ ଆମର ଆଗାମୀ ଜୀବନରେ ଆମକୁ ମୁକ୍ତି ଦେବେ ଏବଂ ତାଙ୍କର ମୁକ୍ତିଦାତା ନାମଟିକୁ ସାର୍ଥକ କରିବେ । ଯେଉଁ ବ୍ୟବସାୟୀ ମିଛ କହୁଛି ଓ ତା'ର ସରଳମନା, ଅଜ୍ଞାନ ଗ୍ରାହକମାନଙ୍କୁ ଠକୁଛି, ସେ କଦାପି ରକ୍ଷା ପାଇବାର ଆଶା କରି ପାରିବ ନାହିଁ ।

## ଅମୃତର କବି... (ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ମଧୁ ମଧୁର ଅନ୍ୟନାମ ଅମୃତ । ଅମୃତ କୌଣସି ଫଳ, ଫୁଲ, ଖାଦ୍ୟ କି ପେୟ ନୁହେଁ ଯାହାକୁ ଚୋବାଇ ଖାଇ ହେବକି ପାନୀୟ ଆକାରରେ ଗ୍ରହଣ କରି ହେବ । ତଥାପି ଅମୃତ ପ୍ରାପ୍ତି ପାଇଁ ମୋକ୍ଷାକାଂକ୍ଷୀ ମାନଙ୍କ ଅଭିଳାଷ ଅଦମନୀୟ । ସ୍ୱାଭାବିକ କଥା, ଆମର ପୂର୍ବ ସୂରୀ ମୁନୀ ଋଷିମାନେ ମଣିଷକୁ ଅମୃତ ସନ୍ତାନ ଭାବେ ଅଭିହିତ କରିଛନ୍ତି । ଅମୃତ ସନ୍ତାନ ଅମୃତର ଅଭିଳାଷୀ ରଖିବା ନିଶ୍ଚିତ । ବେଦ ବାକ୍ୟ ଅଛି-

ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ
ଆୟେ ଧମାନି ଦିବ୍ୟାନି ତସ୍ଥୁଃ । (ଋକବେଦ ୧୦/୧୩-୧)

କବି ଗୌନ୍ତିଆ ମଧ ସେହି ତତ୍ତ୍ୱକୁ ସୂଚୀତ କରି ଲେଖିଛନ୍ତି-

ଅମୃତ ସନ୍ତାନ ପାଇଛୁ ଜନମ
ନାଇଁ କର ସତ୍ୟନାଶ
ଭାବହେନ ଭାବ ଅମୃତ ସ୍ୱଭାବ
ମୁନୁଷ ପ୍ରକୃତି ଧରୁ ।

ମଣିଷ ଅମୃତ ସନ୍ତାନ ହେତୁ ଅମୃତର ପଥ ଅନ୍ୱେଷଣ ପୂର୍ବକ ଅମୃତ କର୍ମ କରିବା ବାଞ୍ଛନୀୟ । ଅମୃତ କର୍ମ ମଣିଷର ମାନବିକତାର ପରିପ୍ରକାଶ କରାଇଥାଏ । ଏହି ମର୍ମରେ ବେଦ କହନ୍ତି ମନୁର୍ଭବ ଜନୟା ଦୈବ ଜନମ (ଋକ୍ ୧୦/୧୩-୫) ମଣିଷ ହେଉଛି ଦେବ ଅଂଶୀ, ଦେବତ୍ୱ ଅର୍ଜନ କରିବା ହିଁ ଶ୍ରେୟ । ଉତ୍ତମ ମଣିଷ ହୋଇ ସମଗ୍ର ବସୁଧାକୁ ସ୍ୱର୍ଗର ଅମରାବତୀରେ ପରିଣତ କରିବାର ଅଭିପ୍ସା ରଖିବା କଥା । ଦିବ୍ୟଶକ୍ତି ସମ୍ପନ୍ନ ସନ୍ତାନ ସୃଷ୍ଟି କରି 'ବସୁଧୈବ କୁଟୁମ୍ବକମ୍' ଅନୁଚିନ୍ତାରେ ସମଗ୍ର ବିଶ୍ୱକୁ ସିକ୍ତ କରିବା କଥା । ସମଗ୍ର ବିଶ୍ୱ ଯଦି ମଧୁମୟ କରିବାର ପରିକଳ୍ପନା କରାଯାଏ ସମସ୍ତେ ସ୍ନେହ, ଶ୍ରଦ୍ଧା, ସଦିଚ୍ଛାର ଏକତା ସୂତ୍ରରେ ଛନ୍ଦି ହେବା ଉଚିତ । ଏହି ଏକତା, ଅଖଣ୍ଡତା ହିଁ ସମୁନ୍ନତ ରାଷ୍ଟ୍ର ଗଠନର ପ୍ରକୃଷ୍ଟ ପନ୍ଥା । ସମସ୍ତଙ୍କ ତନ, ମନ ପ୍ରାଣରେ ସତ ଚେତନା ଜାଗ୍ରତ ହୋଇ ସତ୍ୟ ପଥରେ ପରିଚାଳିତ ହେବେ ତେବେ କେହି କାହାଠାରୁ ଲୁଟମାର କରିବେନି, ଅନିତିର ଆଶ୍ରୟ ନେବେନି । ସୌହାର୍ଦ୍ଦ୍ୟ ବଜାୟ ରଖିବେ ତେବେ ମଧୁ ଝରିବା ସ୍ୱାଭାବିକ । କବି ଗୌନ୍ତିଆ ମଧ ସେପରି ଉନ୍ନତ ରାଷ୍ଟ୍ରର ସ୍ୱପ୍ନ ଦେଖି ଲେଖିଛନ୍ତି-

ରାଷ୍ଟ୍ରର ଗଠନେ ଜାଗୁଁ ବିଶ୍ୱଜନେ
ସ୍ନେହ ଭାବ ତହିଁ ରହୁ
ସଭେ ଖାଇଁ ଖଟି ନାଇଁ ନେଉଁ ଲୁଟି
ବିଶ୍ୱେନାଇଁ ବହୁ ଲହୁ ।

କବିଙ୍କ କେତେ ମାର୍ଜିତ, ସଂସ୍କାରିତ ଅମୃତ ରୂପୀ ଚିନ୍ତନ । ବିଶ୍ୱେ ନାଇଁ ବହୁ ଲହୁ, ରକ୍ତର ବିନ୍ଦୁ ମଧ ଏ ଧରାରେ ଦେଖା ନ ଯାଉ, ସମସ୍ତଙ୍କ ମନରେ ଅମୃତଭାବାବେଗ ଜାଗ୍ରତ ହେଉ ।

କବି ମିତ୍ରଭାନୁ ଗୌନ୍ତିଆ ତାଙ୍କ କବିତାର ଶେଷ ପଙ୍କ୍ତିରେ ବିଶ୍ୱରୁ ଅନୀତି, ଅନ୍ୟାୟ, ଅତ୍ୟାଚାରକୁ ପରିହାର କରି ନୀତି, ନ୍ୟାୟ, ସଦାଚାର ଆପଣେଇ ଭାତୃତ୍ୱର ଅମୀୟ ଭାବ ପ୍ରକାଶ କରିବାର ବଳବତୀ ଇଚ୍ଛା ପ୍ରକଟ କରି ଲେଖିଛନ୍ତି-

ବିଶ୍ୱମଧୁମଏ କଲେ ହେବା ଜଏ
ଛାଡି ବିଷମଏ ଧାରା
ଅମୃତ ସେହିଟା ଝରୁ ମିଠାକଥା
ରହୁ ଭାଇଭାଇ ଚାରା
ବିଶ୍ୱକେ ଉଧରି ଅମୃତଥି ଭରି
ହିଂସା କେହି ନାଇଁ କରୁ
ବିଶ୍ୱେ ଅମୃତ ଝରୁ ।

ହିଂସା, ଦ୍ୱେଷ, ରାଗ, ରୋଷ ବର୍ଜନ କରି ବାକ୍ ସଂଯମତା ରକ୍ଷା ପୂର୍ବକ ଆତ୍ମୀୟତା ଅବଲମ୍ବନ ନ କରି ମିଠା କଥା ଦ୍ୱାରା ସମସ୍ତଙ୍କୁ ବାନ୍ଧି ରଖି ପାରିଲେ ପରିବେଶ ସ୍ୱାଭାବିକ ଅମୃତମୟ ହେବ । କଥା ହିଁ ଶାଳୀନତା, ସଂଯମତା ଓ ସମ୍ଭ୍ରମତାକୁ ରକ୍ଷା କରି ମଧୁର ଭାବ ଉଦ୍ରେକ କରିଥାଏ । ଭାଗବତ କାର ଜଗନ୍ନାଥ ଦାସ ମଧ କଥା କୁ ଅମୃତର ଆଖ୍ୟା ଦେଇ ଲେଖିଛନ୍ତି - ଅମୃତ ବିନୟ ବଚନ, କହିତୋଷିବ ପ୍ରାଣୀମନ । ଏହିପରି ଆନୁସଙ୍ଗିକ ବ୍ୟବହାରିକ, ଚଳଣୀ, କର୍ମକୁ ନେଇ ସମଗ୍ର ବିଶ୍ୱକୁ ମଧୁମୟ କରିବାର କଳ୍ପନା କବି ମିତ୍ରଭାନୁ ଗୌନ୍ତିଆଙ୍କ ମହୋଦାର ଚେତନାର ପରିପ୍ରକାଶ କରେ । ଏହି ପରି ମହତ୍ ଭାବନା ସେଦିନ ବୈଦିକ ଋଷିମାନେ ମଧ କରି ଉଦାତ୍ତ କଣ୍ଠରେ ଗାଇଥିଲେ-

ମଧୁବାତା ଋତାୟତେ ମଧୁକ୍ଷରନ୍ତି ସିନ୍ଧବଃ
ମାଧ୍ୱୀନଃ ସନ୍ତୋଷ ଧୀଃ
ମଧୁନକ୍ତ ମୁତୋଷସୋ ମଧୁମତ ପାର୍ଥରଜଃ
ମଧୁ ଦ୍ୟୋଗ ସୁନପିତା
ମଧୁମାନ ନୋ ବନସ୍ପତି ମଧୁମାଁ ଅସ୍ତୁସୂର୍ଯ୍ୟଃ
ମାଧ୍ୱୀଗାବୋ ଭବନ୍ତୁନଃ । (ଯଜୁର୍ବେଦ ୧୩-୨୭/୨୮/୨୯)

କବି ମିତ୍ରଭାନୁ ଗୌନ୍ତିଆଙ୍କ ଲେଖନୀ ମଧ ତଦ୍‌ବତ୍ ସମଗ୍ର ବିଶ୍ୱରେ ଅମୃତର ଝର ଝର୍ଝରୀତ ହୋଇ ସର୍ବେ ଭବନ୍ତୁ ସୁଖୀନଃ । ସର୍ବେସନ୍ତୁ ନିରାମୟା, ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ ମାକଶ୍ଚିତ ଦୁଃଖଭାଗଭବେତ୍ ପରି ଉତ୍ତୁଙ୍ଗ ଆଶା ପ୍ରକଟ କରିଛନ୍ତି । ଏହିପରି ସମଗ୍ର ବିଶ୍ୱକୁ ଅମୃତ ଝରରେ ସିକ୍ତକରି, ଅମୃତ ଭାବରେ ଭିଜେଇଦେଇ, ଅମୃତରସାସ୍ୱାଦ ଚଖେଇ ଦେଇ ଅମୃତ ମୟ କରିବାର ମହତ୍ ଭାବନା କବି ମିତ୍ରଭାନୁଙ୍କ ଭବ୍ୟ ଓ ଦିବ୍ୟ ମାନସିକତାର ଆତ୍ମଶ୍ଲାଘାହୀନ ଶ୍ଳୀଳ ଅନୁଚିନ୍ତା ମାତ୍ର ।

ଦେଉଳୀ, ପଦ୍ମପୁର, ବରଗଡ଼

# ସ୍ୱର୍ବେଦ

**ଭକ୍ତି ଜ୍ଞାନ ବୈରାଗ୍ୟ ଜୋ,**
**ତୀନୋ ପୂରଣ ହୋୟ ॥**
**ତବ ପ୍ରଭୁ କୀ ଉପଲବ୍ଧି ହୈ,**
**ଆଶ୍ରିତ ସଦ୍‌ଗୁରୁ ସୋୟ ॥୦୧॥**

ଭାଷ୍ୟ - ସଦ୍‌ଗୁରୁ ଶରଣରେ ଜ୍ଞାନ, ବୈରାଗ୍ୟ ଏବଂ ଭକ୍ତି - ଏ ତିନିର ପୂର୍ଣ୍ଣତା ଲାଭ ହେବା ପରେ ମହାପ୍ରଭୁଙ୍କର ପ୍ରାପ୍ତି ହୋଇଥାଏ ।

**କିସୀ ପଦାରଥ ପ୍ରାପ୍ତି କୀ, ଇଚ୍ଛା**
**ଅବ ନହିଁ କୋୟ ।**
**ଅଧିକାରୀ ପ୍ରଭୁ ମିଲନ କା, ଆଶ**
**ଓ୍ୱାସନା ଖୋୟ ॥୦୨॥**

ଭାଷ୍ୟ - ଯାହାର ସମସ୍ତ ଆଶା ଏବଂ ଅଭିଳାଷା ନଷ୍ଟ ହୋଇ ସାରିଛି, ଯାହାଙ୍କୁ ସଂସାରର କୌଣସି ଭୋଗ୍ୟ ବସ୍ତୁର ଇଚ୍ଛା ନାହିଁ, ସେ ପ୍ରଭୁ ପ୍ରାପ୍ତିର ଅଧିକାରୀ ଅଟନ୍ତି ।

**ପ୍ରେମ ଓ୍ୱିରହ ଅନୁରାଗ ହୈ,**
**ଅଟଲ ଭାଓ୍ୱ ଓ୍ୱିଶ୍ୱାସ ।**
**ପୁରୁଷାରତ ମେଁ ରତ ରହୈ,**
**ହରି ମିଲ ଜଗତ ନିରାଶ ॥୦୩॥**

ଭାଷ୍ୟ - ସଂସାରର ସମସ୍ତ ବିଷୟ ଏବଂ ଆଶାରୁ ମୁକ୍ତ ହୋଇ ପ୍ରଭୁଙ୍କ ନିକଟରେ ପ୍ରେମ, ବିରହ, ଅନୁରାଗ ଓ ସଦ୍‌ଗୁରୁ ଚରଣରେ ଦୃଢ଼ ନିଶ୍ଚୟ ପୂର୍ଣ୍ଣ ବିଶ୍ୱାସ ଆସିଲା ପରେ ଯୋଗ ଦ୍ୱାରା ପୂର୍ଣ୍ଣ ଯତ୍ନ ବଳରେ ପ୍ରଭୁ ପ୍ରାପ୍ତି ହୋଇଥାଏ ।

**ପ୍ରେମ ନିରନ୍ତର ନିରତିଶୟ,**
**ଲଗନ ଭାଓ୍ୱ ନିଷ୍କାମ ।**
**ଯହ ତୋ ଚେତନ ଭକ୍ତି ହୈ,**
**ତବ ପାଓ୍ୱେ ସତ୍ୟ ନାମ ॥୦୪॥**

ଭାଷ୍ୟ - ପ୍ରଭୁଙ୍କ ଠାରେ ଏକତାର, ନିଷ୍କାମ ପ୍ରେମକୁ ଭକ୍ତି କହନ୍ତି । ଆତ୍ମା ଦ୍ୱାରା ଚେତନ ଭକ୍ତି ହୋଇଥାଏ ଏବଂ ତାହା ଦ୍ୱାରା ସାରଶବ୍ଦଙ୍କର ପ୍ରାପ୍ତି ହୋଇଥାଏ । ସାରଶବ୍ଦ ପରମ ପୁରୁଷଙ୍କୁ କହନ୍ତି ।

**ଆତ୍ମ ସମର୍ପିତ ଭକ୍ତ ହୈ, ଆଶ ନ**
**ପଦ ନିର୍ଓ୍ୱାନ ।**
**କାମ କାମନା କୋଇ ନହୀଁ, ଭକ୍ତି**
**ପରମ ସୁଖ ଖାନ ॥୦୫॥**

ଭାଷ୍ୟ - ଯେଉଁ ଆତ୍ମ ସମର୍ପିତ ଭକ୍ତକୁ ମୁକ୍ତି ପର୍ଯ୍ୟନ୍ତ ଇଚ୍ଛା ରହେ ନାହିଁ, ନା ସଂସାରର କୌଣସି ପଦାର୍ଥର କାମନା ରହିଥାଏ, ସେ ହିଁ ଭକ୍ତିର ପରମ ସୁଖକୁ ପ୍ରାପ୍ତ କରିଥାନ୍ତି । ଭକ୍ତି ଅତିରିକ୍ତ ଭକ୍ତକୁ ଅନ୍ୟ କୌଣସି ପଦାର୍ଥର ଇଚ୍ଛା ହୋଇ ନ ଥାଏ ।

**ଭକ୍ତ ମୁକ୍ତି ଇଚ୍ଛା ନହୀଁ, ପ୍ରେମ**
**ଓ୍ୱିରହ ଭଗଓ୍ୱାନ ।**
**ମୁକ୍ତି ଭକ୍ତ ପୀଛେ ଫିରେ, ଜେହି**
**ପ୍ରଭୁ କୃପା ମହାନ ॥୦୬॥**

ଭାଷ୍ୟ - ଭକ୍ତ ପ୍ରଭୁପ୍ରାପ୍ତି ବ୍ୟତୀତ ମୁକ୍ତିର ମଧ୍ୟ ଇଚ୍ଛା ରଖେ ନାହିଁ । ସେହି ଭକ୍ତି ବିଗଳିତ ଭକ୍ତମାନଙ୍କର ପଛରେ ମୁକ୍ତି ଘୂରି ବୁଲୁଥାଏ, ଯେଉଁମାନଙ୍କର ପ୍ରତି ପ୍ରଭୁଙ୍କର ଅସୀମ କୃପା ରହିଥାଏ ।

**ମନସ ମନନ ପରବ୍ରହ୍ମ କା, ବୁଦ୍ଧି**
**ଓ୍ୱିଓ୍ୱେଚନ ସୋୟ ।**
**କେଓ୍ୱଲ ବ୍ରହ୍ମାକାର ହେ, ଚିତଓ୍ୱୃତ୍ତି**
**ବନ ସୋୟ ॥୦୭॥**

ଭାଷ୍ୟ - ମନନ, ବିବେଚନ




ଏବଂ ଚିନ୍ତନ ଏକମାତ୍ର ବ୍ରହ୍ମସ୍ୱରୂପର ହିଁ ହୋଇଥାଏ ଯାହାକୁ ଉତ୍ତମ ଭକ୍ତି କହନ୍ତି । ଅର୍ଥାତ୍ ବ୍ରହ୍ମ ବ୍ୟତୀତ ଅନ୍ୟ କାହାରି ସ୍ମରଣ ନ ହେବା ଭକ୍ତି ଅଟେ ।

**ଲକ୍ଷ୍ୟ ଭିନ୍ନ ଜୋ ଓ୍ୱିଷୟ ହେ,**
**ଅନ୍ତଃକରଣ ମେଁ ଆଓ୍ୱ ।**
**ଭକ୍ତି ଭାଓ୍ୱ ବ୍ୟଓ୍ୱଧାନ ହୈ,**
**କେଓ୍ୱଲ ଶବ୍ଦ ସମାଓ୍ୱ ॥୦୮॥**

ଭାଷ୍ୟ - ଧ୍ୟେୟ ଅତିରିକ୍ତ ବିଷୟ ଯେତେବେଳେ ଅନ୍ତଃକରଣରେ ଆସିଯାଏ, ସେତେବେଳେ ଭକ୍ତିରେ ବାଧା ହୁଏ ଓ ଚେତନା ନିମ୍ନକୁ ଚାଲିଯାଏ । ସେଥିପାଇଁ ବିଶୁଦ୍ଧ ଭକ୍ତିରେ ପ୍ରଭୁଙ୍କ ବ୍ୟତୀତ ଅନ୍ୟ ସତ୍ତାରେ କୌଣସି ପ୍ରକାରର ସମ୍ବନ୍ଧ ନ ରହୁ, ଏକମାତ୍ର ଚେତନା ଶବ୍ଦରେ ଲାଗି ରହୁ - ଏହା ପୂର୍ଣ୍ଣ ଭକ୍ତିର ସ୍ୱରୂପ ଅଟେ ।

**ଓ୍ୱିଷୟୋଁ ଚିତ୍ତ ସମ୍ବନ୍ଧ ସେ, ଚିତ**
**ଓ୍ୱିକାର ପରିଣାମ ।**
**ଉତପନ୍ନ ସୋ ବୃତ୍ତି ହୈ, ସଂସ୍କାର**
**ଚିତ ଧାମ ॥୦୯॥**

ଭାଷ୍ୟ - ଅନେକ ଜନ୍ମର ସଂସ୍କାର ଚିତ୍ତରେ ରହିଥାଏ । ଚିତ୍ତ ଓ ତାହାର ବିଷୟଗୁଡ଼ିକ ସହିତ ସମ୍ବନ୍ଧରୁ ଯେଉଁ ପରିଣାମ ବିକାର ଉତ୍ପନ୍ନ ହୁଏ ତାହାର ନାମ ବୃତ୍ତି ଅଟେ ।

**ଆତ୍ମ ଜ୍ଞାନ ବାହର ଭୟା, ଜଗତ**
**ଦୃଶ୍ୟ ସବ ଦେଖ ।**
**ଅନ୍ତରମୁଖ ସୋଇ ଜ୍ଞାନ ସେ,**
**ପରବ୍ରହ୍ମ କହଁ ପେଖ ॥୧୦॥**

ଭାଷ୍ୟ - ଆତ୍ମାର ଶକ୍ତି ମନ ଏବଂ ଇନ୍ଦ୍ରିୟମାନଙ୍କ ଦ୍ୱାରା ଯେତେବେଳେ ବାହାରକୁ ଚାଲିଆସେ, ସେତେବେଳେ ତାହା ବାହ୍ୟ ଜଗତକୁ ଦେଖେ । ସେହି ଶକ୍ତିକୁ ସେ ଯେତେବେଳେ ଅନ୍ତର୍ମୁଖୀ କରି ଦିବ୍ୟଜ୍ଞାନ ଦ୍ୱାରା ଦେଖେ ସେତେବେଳେ ସେ ପରଂବ୍ରହ୍ମଙ୍କର ଦର୍ଶନ ଲାଭ କରେ ।

**ରମ୍ଭ ଦ୍ୱାର ମନ ପଓ୍ୱନ କୋ,**
**ସ୍ଥିର ବାଁଧେ ସନ୍ତ ।**
**ଯୋଗ ଯୁକ୍ତି ଅଭ୍ୟାସ ସେ,**
**ଅବଲ ହୋୟ ଯୁଗ ଅନ୍ତ ॥୧୧॥**

ଭାଷ୍ୟ - ସନ୍ଥ ନିଜ ସହଜ ଯୁକ୍ତି ଦ୍ୱାରା ରମ୍ଭଦ୍ୱାରରେ ମନ ଆଉ ପବନକୁ ସ୍ଥିର କରିଥାନ୍ତି । ସେ ମନ ପବନର ମୂଳ ଦ୍ୱାରକୁ ଯାଇ ବିଲୀନ ଏବଂ ଶାନ୍ତ ହୋଇଯାଆନ୍ତି ।

**ଗୁପ୍ତ ପ୍ରକଟ କୀ ସନ୍ଧି ମେଁ, ସ୍ଥିର**
**ଯୋଗ ଓ୍ୱିଧାନ ।**
**ମନ ଓ୍ୱ ପଓ୍ୱନ ଦୋ ଓ୍ୱଶ କରେ,**
**ପ୍ରକଟତ ଶକ୍ତି ମହାନ ॥୧୨॥**

ଭାଷ୍ୟ - ସହଜ ଯୋଗର ନିୟମାନୁସାରେ ମନ ଆଉ ପବନକୁ ପ୍ରକଟ-ଗୁପ୍ତର ସଂଗମ ସ୍ଥଳରେ ସ୍ଥିର କରିବା ଦ୍ୱାରା ଆଭ୍ୟନ୍ତରରରେ ମହତି ଶକ୍ତି ପ୍ରକଟ ହୁଏ । ପ୍ରକଟ ଆଉ ଗୁପ୍ତ ସନ୍ଧିର ଜ୍ଞାନ ସଦ୍‌ଗୁରୁଙ୍କ ଠାରୁ ଜାଣନ୍ତୁ ଓ ଏହାର ଯଥାର୍ଥ ଅନୁଭବ ପ୍ରାପ୍ତ ହେବାପରେ ଦୁହିଙ୍କୁ ସ୍ଥିର କରି ଆତ୍ମପ୍ରକାଶକୁ ପ୍ରାପ୍ତ କରନ୍ତୁ ।

**ଅନ୍ତର ମନ ଅରୁ ପଓ୍ୱନ କୋ,**
**ଗତି ରହସ୍ୟ ଗମ ଜ୍ଞାନ ।**
**ଉଲଟି ପତାଲ ଅକାଶ କୋ,**
**ବାଁଧୋ ମୂଲ ଠିକାନ ॥୧୩॥**

ଭାଷ୍ୟ - ମନ ଓ ପବନକୁ ଅନ୍ତର-ଭେଦ-ଗମନର ଜ୍ଞାନ ଦ୍ୱାରା ପାତାଳକୁ ଓଲଟା କରି ଆକାଶର ମୂଳ କେନ୍ଦ୍ରରେ ଏମାନଙ୍କୁ ବାନ୍ଧି ଦିଅନ୍ତୁ ଅର୍ଥାତ୍ ସ୍ଥିର କରିଦିଅନ୍ତୁ । ଆତ୍ମାର ଅର୍ଦ୍ଧ ଶକ୍ତିକୁ ପାତାଳ ଏବଂ ଉର୍ଦ୍ଧ୍ୱ ଶକ୍ତିର ଆକର୍ଷଣ କେନ୍ଦ୍ର ମଣ୍ଡଳକୁ ଆକାଶ କହନ୍ତି ।

**ଥୀର ପଓ୍ୱନ ଅରୁ ମନ ଭୟା,**
**ସଦ୍‌ଗୁରୁ ସନ୍ଧି ଠିକାନ ।**
**ଜ୍ୟୋତି ବରୀ ଅଜଗୟବ କୀ,**
**ବାହର ଭୀତର ଜ୍ଞାନ ॥୧୪॥**

ଭାଷ୍ୟ - ସଦ୍‌ଗୁରୁ ସନ୍ଧି ଅର୍ଥାତ୍ ସଦ୍‌ଗୁରୁ ଭେଦ ରହସ୍ୟ ସ୍ଥାନରେ ମନ ଓ ପବନ ସ୍ଥିର ହେବା ପରେ ଆଶ୍ଚର୍ଯ୍ୟମୟ ଜ୍ୟୋତି ପ୍ରତିଭାତ ହୁଏ, ଯାହାର ପ୍ରକାଶ ଦ୍ୱାରା ବାହ୍ୟ ଏବଂ ଆଭ୍ୟନ୍ତର ସ୍ପଷ୍ଟ ଦୃଷ୍ଟିଗୋଚର ହୁଏ । ବାହ୍ୟ ଏବଂ ଆଭ୍ୟନ୍ତରକୁ ଦେଖିବାର ଦିବ୍ୟଶକ୍ତି ଯୋଗୀମାନଙ୍କୁ ପ୍ରାପ୍ତ ହୋଇଥାଏ ।

**ମନ ଓ୍ୱ ପଓ୍ୱନ ସମ କୀଜିଏ, ଗୁରୁ**
**ପ୍ରଦେଶ ମେଁ ବାଁଧ ।**
**ଅଜ ଗୁରୁ କୀ ଯହ ଧାରଣା, ତବ**
**ସୁମିରନ ଶୁଭ ସାଧ ॥୧୫॥**

ଭାଷ୍ୟ - ଗୁରୁ ପ୍ରଦେଶରେ ବାନ୍ଧି ମନ ଓ ପବନକୁ ସମାନ କରି ସୁରତିକୁ ସ୍ଥିର ରଖିବା ଅନାଦି ସଦ୍‌ଗୁରୁଙ୍କ ବିହଙ୍ଗମ ଯୋଗର ଧାରଣା ଅଟେ । ଏହି ଧାରଣା ପ୍ରାପ୍ତହେବା ପରେ ମଙ୍ଗଳମୟ ସ୍ମରଣର ସାଧନା ହୋଇଥାଏ ।

**ପ୍ରକଟ ରୂପ ନହିଁ ତୀନ ହୈ, ମନ**
**ଅରୁ ପଓ୍ୱନ ନିରୋଧ ।**
**ଯୋଗାଭ୍ୟାସ ହୈ ଧାରଣା, ତନ**
**ମନ ବନ୍ଧନ ସୋଧ ॥୧୬॥**

ଭାଷ୍ୟ - ଯେତେବେଳ ପର୍ଯ୍ୟନ୍ତ ଧ୍ୟାତା, ଧ୍ୟାନ ଆଉ ଧ୍ୟେୟ - ଏ ତିନି ସ୍ୱରୂପ ପ୍ରକଟ ଅର୍ଥାତ୍ ପ୍ରତ୍ୟକ୍ଷ ନ ହୋଇଛନ୍ତି, ସେତେବେଳ ପର୍ଯ୍ୟନ୍ତ ମନ ଓ ଶରୀର ଅର୍ଥାତ୍ ସମଗ୍ର ଦେହ ସଂଘାତକୁ ଖୋଜି ମନ ଓ ପବନକୁ ପ୍ରତିରୋଧ କରାଯାଏ । ଏପରି ଯୋଗାଭ୍ୟାସକୁ ଧାରଣା କୁହାଯାଏ । ବିହଙ୍ଗମ ଯୋଗର ଏହି ଧାରଣାରେ ମନ ଓ ପବନକୁ ସ୍ଥିର କରିବା ପାଇଁ ପ୍ରଯତ୍ନ ହୋଇଥାଏ ।

**ସିଦ୍ଧ ହୋୟ ଜବ ଧାରଣା, ବୃତ୍ତି**
**ପ୍ରାଣ ମନ ଲୀନ ।**
**ଜ୍ଞାନ ଆୟ ନିଜ ରୂପ ମେଁ,**
**ଆପହିଁ ଆପ ଅଧୀନ ॥୧୭॥**

ଭାଷ୍ୟ - ଯେତେବେଳେ ବିହଙ୍ଗମ ଯୋଗର ଧାରଣା ସିଦ୍ଧ ହୋଇଯାଏ, ସେତେବେଳେ ସମସ୍ତ ବୃତ୍ତି, ପ୍ରାଣ ଏବଂ ମନ ନିଜ ମୂଳ କାରଣରେ ଲୀନ ହୋଇଯାଆନ୍ତି । ସେତେବେଳେ ଆତ୍ମା ନିଜ ସ୍ୱରୂପର ଜ୍ଞାନକୁ ପ୍ରାପ୍ତକରି ନିଜ ଅଧୀନରେ ଥିବା ଶକ୍ତିଗୁଡ଼ିକର ପ୍ରୟୋଗପୂର୍ବକ ନିଜ ସ୍ୱରୂପରେ ସ୍ଥିର ହୋଇଯାଏ ।

**ଅବ ସୁମିରନ ଭଲ କୀଜିୟେ,**
**ସୁମିରନ କା ବନ ସାଜ ।**
**ଅମ୍ବୁ ଦୀପ ବୈଠକ ବନା, ଦ୍ୱାର**
**ଓ୍ୱିରାଜତ ଭାଜ ॥୧୮॥**

ଭାଷ୍ୟ - ଧାରଣା ପରେ ସ୍ମରଣର ସ୍ଥିତି ପ୍ରାପ୍ତ ହୋଇଥାଏ । ଅମ୍ବୁଦ୍ୱୀପରେ ସୁରତିକୁ ସ୍ଥିର କରି ପ୍ରଭୁଙ୍କର ସ୍ମରଣ ହୋଇଥାଏ, ଯେଉଁଠାରେ ଆତ୍ମସ୍ୱରୂପ ମୂଳ ଦ୍ୱାରରେ ପ୍ରକାଶ ପ୍ରାପ୍ତ ହୋଇଥାଏ ।

**ବାହର କା ପଟ ବନ୍ଦ ହୈ, ଅନ୍ତର**
**ସୁମିରନ ସାର ।**
**ଆପନ ରୂପ ପ୍ରକାଶ ହୈ, ଆପନ**
**ଶକ୍ତି ପସାର ॥୧୯॥**

ଭାଷ୍ୟ - ବାହ୍ୟ ଇନ୍ଦ୍ରିୟଗୁଡ଼ିକର ଶକ୍ତିକୁ ନିଜ ଭିତରେ ଅନ୍ତର୍ମୁଖୀ କରି ପ୍ରଭୁଙ୍କର ସ୍ମରଣ ହୋଇଥାଏ ଯେଉଁଠାରେ ନିଜର ପ୍ରକାଶ ରହିଥାଏ ଆଉ ନିଜ ଶକ୍ତିର ବିକାଶ ଥାଏ । ଅମ୍ବୁଦ୍ୱୀପରେ ଆତ୍ମା ନିଜ ସ୍ୱରୂପର ଜ୍ଞାନ କରି ନିଜ ଆତ୍ମିକ ଶକ୍ତିର ସଂଚୟ କରିଥାଏ ।

**ଆତମ ଜାନନ କେ ଲିୟେ,**
**ଅନ୍ୟ କରଣ ନହିଁ କାଜ ।**
**ଆପ ଆପ କୋ ଜାନତା,**
**ସୁମିରନ ପୁରୁଷ ସକାଜ ॥୨୦॥**

ଭାଷ୍ୟ - ଆତ୍ମା ଜ୍ଞାନ ନିମନ୍ତେ କୌଣସି ଅନ୍ୟ ପ୍ରାକୃତିକ କାରଣର ଆବଶ୍ୟକତା ହୁଏନାହିଁ । ଆତ୍ମା ନିଜ ଜ୍ଞାନ ବଳରେ ନିଜକୁ ଜାଣିପାରେ ଆଉ ସେହି ଆତ୍ମସ୍ୱରୂପରେ ପରମ ପୁରୁଷଙ୍କର ସ୍ମରଣ କରିଥାଏ । ଜଡ଼ କରଣ ଯୋଗୁଁ ଚେତନସତ୍ତାର ଜ୍ଞାନ ହୁଏନାହିଁ । ସେଥିପାଇଁ ଚେତନ ଆତ୍ମା ସ୍ୱୟଂ ନିଜ ଶକ୍ତିର ନିରୋଧରୁ ସ୍ୱୟଂକୁ ଜାଣିପାରେ ।

**ତୀନ ରୂପ ଅବ ପ୍ରକଟ ହୈ,**
**ସୁମିରନ ସୁରତି ସଓ୍ୱାର ।**
**ଭଜନ କରୋ ନିଷ୍କାମ ମେଁ,**
**ଅନୁଭଓ୍ୱ ଶବ୍ଦ ଅଧାର ॥୨୧॥**

ଭାଷ୍ୟ - ଆତ୍ମା ନିଜ ସ୍ୱରୂପକୁ ଆସିବା ପରେ ଧ୍ୟେୟ, ଧ୍ୟାନ ଓ ଧ୍ୟାତା - ଏ ତିନିହେଁ ପ୍ରତ୍ୟକ୍ଷ ହୋଇଯାଆନ୍ତି ଏବଂ ସୁରତି ଦ୍ୱାରା ପ୍ରଭୁଙ୍କର ସ୍ମରଣ ହେବାରେ ଲାଗେ । ଏପରି ହେବାଦ୍ୱାରା ଶବ୍ଦ-ଅନୁଭବର ଆଧାରରେ ନିଷ୍କାମ ଅର୍ଥାତ୍ କାମନାଶୂନ୍ୟ ହୋଇ ପ୍ରଭୁଙ୍କର ଭଜନ ହେବାରେ ଲାଗେ ।

## ଡିହାଇଡ୍ରେସନରୁ ମୁକ୍ତି ଦିଏ ଜଲଜିରା

**ଖ**ରାଦିନ ଆରମ୍ଭ ହେବା ସହ ଗରମ ମଧ ବଢ଼ିଲାଣି । ତେବେ ଖରା ଦିନେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମଧ ଦେଖାଯାଇଥାଏ । ଏହା ମଧରେ ରହିଛି ଡିହାଇଡ୍ରେସନ୍ ବା ନିର୍ଜଳୀକରଣ । ତେବେ ଏଥିରୁ ମୁକ୍ତି ପାଇବା ପାଇଁ ସହଜ ଉପାୟ ହେଉଛି ଜଲଜିରା । ଜଲଜିରାରେ କଳା ଲୁଣ, ଲେମ୍ବୁ, ପୁଦିନା, ଅଦା ମିଶାଇ ପିଇଲେ ସୁସ୍ୱାଦୁ ତ ଲାଗିଥାଏ, ଏହା ସହ ସ୍ୱାସ୍ଥ୍ୟ ପାଇଁ ମଧ ଲାଭଦାୟକ ହୋଇଥାଏ । ଏହା ବାଦ୍ ଜଲଜିରାର ଅନେକ ଔଷଧୀୟ ଗୁଣ ମଧ ରହିଛି ।

ଜଲଜିରା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ । ଜଲଜିରାରେ କଳା ଲୁଣ ପକାଇ ପିଇଲେ ପେଟରେ ହୋଇଥିବା ଗ୍ୟାସ୍ ଭଲ ହୋଇଥାଏ ।

ଏହା ସହ ଛାତି ପୋଡୁଥିଲେ ଜଲଜିରା ପିଇବା ଦ୍ୱାରା ଆରାମ ମିଳିଥାଏ ଏବଂ ଶରୀରକୁ ଡିହାଇଡ୍ରେଟ୍ କରିଥାଏ ।



ଜଲଜିରାରେ ଜିରା ମିଶାଇ ପିଇଲେ ଆମୋନିଆରୁ ମୁକ୍ତି ମିଳିଥାଏ । ଏହା ସହ ପ୍ରତିରୋଧକ ଶକ୍ତି ବଢ଼ିବା ସଙ୍ଗେ ସଙ୍ଗେ ଶରୀର ଥଣ୍ଡା ରହିଥାଏ । ଜଲଜିରା ପେଟ କାଟିବା, ବାନ୍ତି ହେବା ଏବଂ ଗ୍ୟାସ୍ ସମସ୍ୟାରୁ ଆରାମ ଦେଇଥାଏ । ଯଦି ଆପଣ ଓଜନ କମାଉଛନ୍ତି, ତେବେ ସୋଡ଼ା ଡ୍ରିଙ୍କ୍ସ୍ ନ ପିଇ ଜଲଜିରା ପାଣି ପିଅନ୍ତୁ । ଏହା ଶରୀରକୁ ହାଇଡ୍ରେଟ୍ ରଖିଥାଏ ।

## ଟିକିଏ ହସନ୍ତୁ

ଏକ ଚୋର ଧରାପଡିବା ପରେ ଲୋକମାନେ କହିଲେ : ଯା'ର କାନ କାଟିଦିଅ ।

**ଚୋର :** ଦୟାକରି ମୋ କାନ କାଟନି । ନହେଲେ ମୁଁ ଅନ୍ଧ ହେଇଯିବି ।

**ଲୋକମାନେ :** ତୁ କ'ଣ ଆମକୁ ବୋକା ଭାବିଛୁ ? କାନ କାଟିଲେ କ'ଣ କେହି ଅନ୍ଧ ହୁଅନ୍ତି ?

**ଚୋର :** ଆଜ୍ଞା, କାନ କାଟିଦେଲେ ମୁଁ ଚଷମା କେମିତି ପିନ୍ଧିବି ?

× × × ×

**ସଂସ୍କୃତ ଶିକ୍ଷକ ପପୁକୁ :** କହିଲୁ ଦେଖି 'ତମସୋ ମା' ଜ୍ୟୋତିର୍ଗମୟ'ର ଅର୍ଥ କ'ଣ ?

**ପପୁ :** ଏହାର ଅର୍ଥ ହେଉଛି- ତମେ ଶୋଇଯାଅ ମା' ମୁଁ ଜ୍ୟୋତି ଘରକୁ ଯାଉଛି' ।

× × × ×

ମା' କୁନି ପୁଅକୁ ଶୁଆଇବା ବେଳେ : ଶୋଇପଡ ଧନ, ନ ହେଲେ ଗଦ୍ଧର ଆସିଯିବ ।



**ପୁଅ :** ମତେ ୧୦୦ଟଙ୍କା ଦିଅ ।

ମା' : କାହିଁକି ?

**ପୁଅ :** ନ ଦେଲେ ମୁଁ ବାପାଙ୍କୁ କହିଦେବି ଯେ, ସବୁଦିନ ରାତିରେ ଗଦ୍ଧର ଆସୁଛି ବୋଲି ।

× × × × ×

**ସ୍ତ୍ରୀ ସ୍ୱାମୀଙ୍କୁ :** ତୁମକୁ ମୋର ସୁନ୍ଦରତା ବେଶି ଭଲ ଲାଗେ ନା ମୋ ସଂସ୍କାର ?

**ସ୍ୱାମୀ :** ମତେ ତ ତୁମର ଏଭଳି ମଜା କରିବା ଅଭ୍ୟାସ ବହୁତ ଭଲ ଲାଗେ ।

× × × × ×

ଜଣେ ବ୍ୟକ୍ତିମଦ ପିଇ କାନ୍ଦୁଥାନ୍ତି ।

ଏହା ଦେଖି ଅନ୍ୟ ଜଣେ ବ୍ୟକ୍ତି : ଭାଇ, କାହିଁକି କାନ୍ଦୁଛ ?

**ମଦ ପିଉଥିବା ବ୍ୟକ୍ତି :** କାନ୍ଦିବିନି କେମିତି ? ଯୋଉ ଝିଅକୁ ଭୁଲିବା ପାଇଁ ମଦ ପିଉଛି ତା'ର ନାଁ ହିଁ ମୋର ମନେ ପଡୁନି ।

× × × × ×

ଝିଅ ଶାଶୁଘରକୁ ଯିବାବେଳେ ମା' ଝିଅକୁ ଧରି ବହୁତ କାନ୍ଦୁଥାନ୍ତି ।

**ଏହା ଦେଖି ଜ୍ୱାଇଁ :** ମା' ଆପଣ ଜମା କାନ୍ଦନ୍ତୁନି ।

**ଝିଅର ମା କାନ୍ଦି କାନ୍ଦି :** ଗୋଟିଏ ବୋଲି ଝିଅ । ଆଜି ସେ ଆମକୁ ଛାଡି ଚାଲି ଯାଉଛି । ବାପାରେ ତା' କଥା ବୁଝୁଥିବ ।

**ଜ୍ୱାଇଁ :** ଜମାରୁ ବ୍ୟସ୍ତ ହୁଅନ୍ତୁନି । ଆପଣଙ୍କ ଝିଅ କିଏ ଆଉ ମୋ ଝିଅ କିଏ ।

× × × × × ×

**ମାଲିକ - ଚାକରକୁ :** ହଇରେ ସତୁରା, ତତେ ପରା କହିଥିଲି ୧୦ ତାରିଖ ପେପରଟା ଆଣିବାକୁ ।

ଏ ଦିଇଟା ପେପର କ'ଣ ଆଣିଛୁ ।

**ସତୁରା :** ୧୦ ତାରିଖ ପେପର୍ ଆଜ୍ଞା ପାଇଲି ନାହିଁ ତ, ସେଥିପାଇଁ ଗୋଟିଏ ୬ ତାରିଖ ଓ ଅନ୍ୟଟି ୪ ତାରିଖ ମିଶେଇ ନେଇ ଆସିଛି ।

## କର୍ପୁରର ଉପକାରିତା

**ପେଟ ଦରଜ :** ଗୋଟେ ଗ୍ଲାସ ପାଣିରେ ଗୋଟେ ଚାମଚ ଜୁଆଣି ପକାଇ ଫୁଟାନ୍ତୁ । ପାଣି ଅଧା ହେଇଗଲେ, ସେଥିରେ ଅଳ୍ପ ଖାଇବା କର୍ପୂର ପକାଇ ପିଅନ୍ତୁ । ଏହା ପେଟ ଦରଜ ଦୂର କରେ ।

**ଖଣ୍ଠି ଦରଜ :** ଯଦି ଶରୀରର କୌଣସି ଗଣ୍ଠିରେ ଦରଜ ହେଉଥାଏ, ସେହି ସ୍ଥାନରେ କର୍ପୁର ତେଲ ମାଲିସ୍ କରିବା ଦ୍ୱାରା ଶୀଘ୍ର ଆରାମ ମିଳିଥାଏ ।

**କୁଣ୍ଡେଇ ହେବା :** କୁଣ୍ଡେଇ ହେବା କିମ୍ବା ଫଙ୍ଗଲ ଇନଫେକ୍ସନ୍ ହେଉଥିବା ଜାଗାରେ ନଡିଆ ତେଲରେ କର୍ପୁର ମିଶାଇ ସେହି ସ୍ଥାନରେ ଲଗାନ୍ତୁ । ଏହାଦ୍ୱାରା କୁଣ୍ଡେଇ ହେବାରୁ ମୁକ୍ତି ମିଳିଥାଏ ।

**ପୋଡି ଗଲେ :** ଶରୀରରେ କୌଣସି ସ୍ଥାନ ପୋଡିଗଲେ ସେହି ସ୍ଥାନରେ କର୍ପୁର ତେଲ ଲଗାନ୍ତୁ, ଏହାଦ୍ୱାରା ପୋଡ଼ା କମିଯିବା ସହ ଇନଫେକ୍ସନ୍ ହୋଇ ନ ଥାଏ ।

**ଇନ୍‌ଫେକ୍ସନରୁ ମୁକ୍ତି :** ଘରେ ସର୍ବଦା କର୍ପୂର ଧୂଆଁ ଦେଲେ ବାୟୁରେ ଥିବା ବ୍ୟାକ୍ଟେରିଆ ଦୂର ହୁଏ ।

**କେଶ ପାଇଁ :** ନଡ଼ିଆ ତେଲରେ କର୍ପୁର ମିଶାନ୍ତୁ । ଏହି ମିଶ୍ରଣକୁ ଅଳ୍ପ ଉଷୁମ କରି କେଶ ମୂଳରେ ମାଲିସ କରନ୍ତୁ । ମାଲିସ କରିବାର ଗୋଟେ ଘଣ୍ଟା ପରେ ମୁଣ୍ଡ ଧୋଇ ଦିଅନ୍ତୁ ।



ଏହାଦ୍ୱାରା ରୁପି ସମସ୍ୟା ଦୂର ହେବା ସହ କେଶ ମଜଭୁତ ହୁଏ ।

**ଦାଗ :** ନଡ଼ିଆ ତେଲରେ କର୍ପୂର ମିଶାଇ ବ୍ରଣ, ପୋଡ଼ା ଓ କଟା ଦାଗ ଉପରେ ସବୁଦିନ ମାଲିସ୍ କଲେ ଏହି ଦାଗରୁ ମୁକ୍ତି ମିଳେ ।

**ଫଟାଗୋଇଠି :** ଗୋଇଠି ଫାଟୁଥିଲେ ଉଷୁମ ପାଣିରେ କର୍ପୁର ଓ ଲୁଣ ମିଶାଇ ସେହି ପାଣିରେ କିଛି ସମୟ ପାଦକୁ ବୁଡ଼ାଇ ରଖନ୍ତୁ । ତାପରେ ସ୍କ୍ରବ୍ କରି ସାରିବା ପରେ ମଶ୍ଚରାଇଜର କ୍ରୀମ ଲଗାଇ ଦିଅନ୍ତୁ । ଗୋଡ଼ଫାଟିବା ଦୂର ହୋଇଯିବ ।

**ଦୁର୍ଶ୍ଚିନ୍ତା :** ଅଲିଭ ତେଲରେ କର୍ପୂର ମିଶାଇ ମୁଣ୍ଡରେ ମାଲିସ୍ କରନ୍ତୁ ଏହାଦ୍ୱାରା ମୁଣ୍ଡ ଦରଜ ଦୂର ହୁଏ ।

## ବଡ଼ ଉପକାରୀ ଅଙ୍ଗୁର

ଏବେ ଅଙ୍ଗୁରର ଋତୁ । ଅଙ୍ଗୁର ଏକ ସ୍ୱାଦିଷ୍ଟ ଫଳ, ଏହାକୁ ଖାଇବା ପାଇଁ କାଟିବାକୁ ବା ଚୋପା ଛଡ଼ାଇବାକୁ ପଡି ନ ଥାଏ । ଭାରତରେ ସାଧାରଣତଃ ଦୁଇ ପ୍ରକାର ଅଙ୍ଗୁର ଉପଲବ୍ଧ ହୋଇଥାଏ । କଳା ଓ ସବୁଜ ଅଙ୍ଗୁର । ତେବେ ଅଙ୍ଗୁର ଯେଉଁ ରଙ୍ଗର ଖାଆନ୍ତୁ, ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇଥାଏ ।



ଅଙ୍ଗୁରରେ ପ୍ରୋଟିନ୍, ସୋଡିୟମ୍, ଫାଇବର, ଭିଟାମିନ୍, ଏ, ସି, ବି.କେ, କ୍ୟାଲସିୟମ୍, କପର, ମ୍ୟାଗ୍ନେସିୟମ୍, ମାଙ୍ଗାନିଜ, ଜିଙ୍କ୍ ଓ ଲୌହ ଭଳି ପୋଷକ ତତ୍ତ୍ୱ ମିଳିଥାଏ । ଅଙ୍ଗୁର ଅନେକ ପେଟ ରୋଗରୁ ମୁକ୍ତି ଦେବା ସହ କବ୍‌ଜ ଦୂର କରିଥାଏ । ବାନ୍ତି ଲାଗିବା, ମାଇଗ୍ରେନ୍ ଆଦି ସମୟରେ ଅଙ୍ଗୁର ଖାଇଲେ ଏଥିରୁ ଆରାମ ମିଳିଥାଏ । ଏକ ଗ୍ଲାସ ଅଙ୍ଗୁର ରସରେ ଦୁଇ ଚାମଚ ମହୁ ମିଶାଇ ଖାଇଲେ ରକ୍ତହୀନତା ଦୂର ହୋଇଥାଏ । ଅଙ୍ଗୁର ଖାଇଲେ ଚର୍ମରୋଗ ହୋଇ ନ ଥାଏ ଓ ତ୍ୱଚାରେ ଚମକ ଆସିଥାଏ । ଯେଉଁ ଲବଣ କାରଣରୁ ଶରୀରରେ ଆର୍ଥ୍ରାଇଟିସ୍ ସମସ୍ୟା ଦେଖା ଦେଇଥାଏ, ଅଙ୍ଗୁର ରସ ଏହି ଲବଣକୁ ନିଷ୍କାସିତ କରିଥାଏ । ଫଳରେ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଲାଘବ ହୋଇଥାଏ ।

## ତରଭୁଜ ମଞ୍ଜିରେ ମଧୁମେହ ଦୂର

ତରଭୁଜ ମଞ୍ଜିରୁ ଭିଟାମିନ୍ ବି, ବି, ୧, ବି-୩, ମ୍ୟାଗ୍ନେସିୟମ୍, ପୋଟାସିୟମ୍, ଆଇରନ ଆଦି ମିଳିଥାଏ । ୧୦୦ ଗ୍ରାମ୍ ତରଭୁଜ ମଞ୍ଜିରୁ ୬୦୦ ଗ୍ରାମ କ୍ୟାଲୋରୀ ମିଳିଥାଏ । ଏହା ସହ ହେପାଟାଇଟିସ୍ ଓ ଶରୀରରେ ହେଉଥିବା ପାର୍ଶ୍ୱପ୍ରତିକ୍ରିୟାରୁ ଏହା ମୁକ୍ତି ଦେଇଥାଏ । ତରଭୁଜ ମଞ୍ଜି ଖାଇବା ଦ୍ୱାରା ଶରୀର ସୁସ୍ଥ ଓ ସୁନ୍ଦର ରହିବା ସହ ମଧୁମେହରୁ ମୁକ୍ତି ମିଳିଥାଏ ।



## ଶରୀରକୁ ନିଷ୍କ୍ରିୟ କରେ ଚିନି

ଆମ୍ଭେମାନେ ସମସ୍ତେ ଚିନିକୁ ନିତିଦିନିଆ ଖାଇବା ତାଲିକାରେ ସାମିଲ କରିଛନ୍ତି । ହେଲେ ଚିନି ହେଉଛି ଏକ ବିଷ, ଯାହା ଧୀରେ ଧୀରେ ଶରୀରର ଅଙ୍ଗ ପ୍ରତ୍ୟଙ୍ଗକୁ ନିଷ୍କ୍ରିୟ କରିଦିଏ । ଏବେ ଜାଣିବା ଚିନି ଦ୍ୱାରା କି କି କ୍ଷତି ହୋଇଥାଏ ।



ଚିନି ତିଆରି କରିବାରେ ସଲଫର ବ୍ୟବହାର କରାଯାଏ । ଏହି ସଲଫର ମଧ ବାଣ ତିଆରି କରିବାରେ ବ୍ୟବହାର କରାଯାଇଥାଏ । ଏହା ଶରୀର ପାଇଁ ବହୁତ କ୍ଷତିକାରକ । ଥରେ ଏହା ଶରୀର ମଧକୁ ଗଲେ ଆଉ ବାହାରକୁ ବାହାରେ ନାହିଁ ।

ଚିନି ଶରୀରରେ କୋଲେଷ୍ଟରଲ ବଢ଼ାଏ, ଏହା ହୃଦଘାତ ପାଇଁ ମୁଖ୍ୟତଃ ଦାୟୀ ।

ଚିନି ଶରୀରରେ ମେଦ ବଢ଼ାଏ, ଏଣୁ ଅଧିକ ଚିନି ଖାଉଥିବା ଲୋକ ମୋଟା ହୋଇଯାନ୍ତି ।

ଚିନି ଉଚ୍ଚ ରକ୍ତଚାପ ବଢ଼ାଏ । ଏହାଦ୍ୱାରା ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧେ ଓ ମସ୍ତିଷ୍କ ନିଷ୍କ୍ରିୟ ହୋଇଯାଏ ।

ଚିନିରେ ସୁକୋଜ ରହିଛି, ଯାହା ହଜମ ହୁଏ ନାହିଁ ।

ଡାଇବେଟିସ୍ ପାଇଁ ମୁଖ୍ୟତଃ ଦାୟୀ ଚିନି ।

ପାକସ୍ଥଳୀ ପୋଡିବାର ମୁଖ୍ୟ କାରଣ ହେଉଛି ଚିନି ।

କେତେକ ଲୋକ ଏସବୁ ଜାଣିବା ପରେ ବି ଚିନି ଖାଇବା ଛାଡି ନ ଥାନ୍ତି, ଏଥିପାଇଁ ବହୁ ସମସ୍ୟାର ସମ୍ମୁଖୀନ ହୁଅନ୍ତି ।

## ସ୍ୱାସ୍ଥ୍ୟ ହିତରେ ମହୁ ଓ ହଳଦୀ

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମହୁ ଓ ହଳଦୀର ବିଶେଷ ଭୂମିକା ରହିଛି । ଏହାକୁ ମିଶାଇ ଖାଇଲେ ହୋଇଥାଏ ଅନେକ ଉପକାର । ହଳଦୀରେ କରକ୍ୟୁମିନ୍ ଏବଂ ମହୁରେ ଆଣ୍ଟି ଅକ୍ସିଡାଣ୍ଟ ଥାଏ । ଶରୀରର ଅନାବଶ୍ୟକ ମେଦ ହ୍ରାସ କରିବାରେ ଏହା ସାହାଯ୍ୟ କରିଥାଏ । ଏହି ଦୁଇଟି ପଦାର୍ଥରେ ଆଣ୍ଟି ଇନଫ୍ଲେମେଟରୀ ଗୁଣ ରହିଥାଏ । ଗଣ୍ଠି ଜନିତ କଷ୍ଟ ଦୂର କରିବାରେ ମଧ ଏହା ସାହାଯ୍ୟ କରିଥାଏ । ଏ ଦୁଇଟି ମିଶାଇ ଖାଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ବଢ଼ିଥାଏ ।



ଏଥିରେ ଫ୍ଲେଭୋନାଇଟସ୍ ଥାଏ । ଯାହା କର୍କଟ ପରି ଦୁରାରୋଗ୍ୟ ରୋଗର ସମସ୍ୟାକୁ କମ୍ କରିଥାଏ ।

ହଳଦୀ ଏବଂ ମହୁରେ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ଥାଏ । ଏହାକୁ ଖାଇଲେ ତ୍ୱଚା କୋମଳ ଏବଂ ଉଜ୍ଜ୍ୱଳ ହୋଇଥାଏ । ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ଠିକ୍ ରହିଥାଏ । ମଧୁମେହରୁ ରକ୍ଷା କରିବାରେ ମଧ ଏହା ସାହାଯ୍ୟ କରିଥାଏ ।

ଏହା କୋଲେଷ୍ଟ୍ରୋଲ ସ୍ତରକୁ ଠିକ୍ ରଖିଥାଏ । ହୃଦଘାତ ପରି ଭୟଙ୍କର ସମସ୍ୟାରୁ ରକ୍ଷା କରିବାରେ ସହାୟକ ହୋଇଥାଏ । ଏଥିରେ ଥିବା ପୋଟାସିୟମ୍ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

ହଳଦୀ ଏବଂ ମହୁ ମିଶ୍ରଣରେ ଫାଇବର୍ ଥାଏ । ଏହାକୁ ଖାଇବା ଦ୍ୱାରା ହଜମ ଠିକ୍ ଭାବେ ହେବା ସଙ୍ଗେ ସଙ୍ଗେ କୋଷ୍ଠକାଠିନ୍ୟ ଦୂର ହୋଇଥାଏ । ହଳଦୀ ଓ ମହୁରେ ଫସ୍‌ଫରସ୍ ଥାଏ । ଏଥିରେ ଦାନ୍ତ ମଜଭୁତ୍ ହୋଇଥାଏ । ଯାହା ଦାନ୍ତକୁ ମଜଭୁତ ସମସ୍ୟା ଦୂର କରିବାରେ ସାହାଯ୍ୟ କରିଥାଏ ।

## ଆପଣ ଜାଣନ୍ତି କି ?

- ଅମର ଜେଲି ଫିଶ୍ ଅନିଶ୍ଚିତ କାଳ ପର୍ଯ୍ୟନ୍ତ ମୃତ୍ୟୁକୁ ଧୋକା ଦେବାରେ ସକ୍ଷମ ।
- ଅକ୍ଟୋପସ୍‌ର ତିନୋଟି ହୃଦୟ ଥାଏ ।
- ପ୍ରଜାପତି ପାଦ ସାହାଯ୍ୟରେ ସ୍ୱାଦ ଜାଣିଥାନ୍ତି ।
- ଶାର୍କ ମାଛ ବର୍ଷକରେ ୧୦ ଜଣଙ୍କୁ ହତ୍ୟା କରିଥାଏ ।
- ମଣିଷ ବର୍ଷକରେ ୧ କୋଟି ଶାର୍କଙ୍କୁ ହତ୍ୟା କରିଥାଏ ।
- ଜଙ୍ଗଲି ଡଲଫିନମାନେ ପରସ୍ପରକୁ ନାମ ଧରି ଡାକନ୍ତି ।
- ଘୋଡ଼ାମାନେ ମୁହଁର ଭାବଭଙ୍ଗୀ ଦ୍ୱାରା ପରସ୍ପର ସହିତ କଥା ହୋଇଥାନ୍ତି ।
- ପେଚାମାନଙ୍କର ଆଖିର ପିତୁଳା (ଆଇବଲ୍) ନଥାଏ ସେମାନଙ୍କର ଆଇଟ୍ୟୁବ୍ ରହିଥାଏ ।
- କୁକୁରର ଘ୍ରାଣଶକ୍ତି ମାନବଠାରୁ ୧୦୦ ଗୁଣ ଅଧିକ ।
- ୨୦୧୪ ରେ ୧୪ ପ୍ରକାର ନୂଆ ପ୍ରଜାତିର ନୃତ୍ୟ କରୁଥିବା ବେଙ୍ଗ ଆବିଷ୍କାର କରାଯାଇଥିଲା । ଏବେ ବିଶ୍ୱରେ ୨୪ ପ୍ରକାର ନୃତ୍ୟ କରୁଥିବା ବେଙ୍ଗ ରହିଛନ୍ତି ।
- ମଣିଷ ବେକରେ ଯେତିକି ହାଡ଼ ଥାଏ, ଏକ ଜିରାଫର ବେକରେ ସେତିକି ହାଡ଼ ଥାଏ ।
- ବିଶ୍ୱର ଦ୍ରୁତଗତିରେ ପହଁରାଳୀ ସେଲଫିଶ୍, ସେ ଘଣ୍ଟାକୁ ୬୫ କିଲୋମିଟର ବେଗରେ ପହଁରିଥାଏ ।
- ଏକ ଚଚୁନ୍ଦ୍ରା ଗୋଟିଏ ରାତିରେ ୩୦୦ ଫୁଟର ଗାତ ଖୋଳିପାରେ ।

## କହିପାରିବେ କି ?

(୧) ଷ୍ଟିଫେନ୍ ହକିଙ୍ଗ ସ୍ତ୍ରୀଙ୍କ ନାମ କ'ଣ ?

(୨) ଚାଲିବା ତଥା କଥା କହିବାରେ ଷ୍ଟିଫେନ୍ ହକିଙ୍ଗସ୍ କେଉଁ ରୋଗରେ ପୀଡିତ ଥିଲେ ?

(୩) ଷ୍ଟିଫେନ୍ ହକିଙ୍ଗଙ୍କୁ ବୈଜ୍ଞାନିକ ହେବାକୁ କିଏ ପ୍ରୋତ୍ସାହିତ କରିଥିଲେ ?

(୪) ଷ୍ଟିଫେନ୍ ହକିଙ୍ଗ କେଉଁ ପୁସ୍ତକର ରଚୟିତା ଥିଲେ ?

(୫) ଷ୍ଟିଫେନ୍ ହକିଙ୍ଗଙ୍କ କାମ ଓ ଗବେଷଣାର ବିଷୟ କ'ଣ ଥିଲା ?

(୬) ପେଙ୍ଗୁଇନ୍ କେତେ ଦିନ ନ ଖାଇ ବଞ୍ଚିପାରେ ?

(୭) ବର୍ଷ ବର୍ଷ ଧରି ବିନା ଆହାରରେ ବଞ୍ଚି ପାରୁଥିବା ଜୀବର ନାମ କ'ଣ ?

(୮) ଦୀର୍ଘଦିନ ଧରି ବିନା ଖାଦ୍ୟ ଓ ଜଳରେ କେଉଁ ପ୍ରାଣୀ ବଞ୍ଚି ରହେ ?

(୯) ୧୦୦ ଦିନ ପର୍ଯ୍ୟନ୍ତ ବିନା ପାଣି ଓ ଖାଦ୍ୟରେ ବଞ୍ଚି ରହୁଥିବା ପ୍ରାଣୀ କିଏ ?

(୧୦) ୩ ବର୍ଷ ଧରି ଖାଦ୍ୟ ନ ଖାଇ କେଉଁ ସରୀସୃପ ବଞ୍ଚି ରହେ ?

### JUMBLE WORDS

| | | | |
|---|---|---|---|
| 1) DHINED | = | 6) DXEEEC | = |
| 2) SBRUDA | = | 7) PYUSO | = |
| 3) NTTSU | = | 8) HISSU | = |
| 4) LYTES | = | 9) SAYEIL | = |
| 5) YACENG | = | 10) LAMPTI | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ତାମିଲନାଡୁ, ୨.ଉତ୍ତର ପ୍ରଦେଶ, ୩.ଆନ୍ଧ୍ରପ୍ରଦେଶ, ୪.କେରଳ, ୫.ମଣିପୁର, ୬.୨.୨୩୦ କେଜି, ୭.କଙ୍ଗାରୁ ର୍‌ୟାଟ୍, ୮.ନାଇଟ୍ରୋସ ଅକ୍ସାଇଡ୍, ୯.ଭେଙ୍କେୟା ନାଇଡୁ. ୧୦.କାର୍ବନ ମନୋଅକ୍ସାଇଡ୍ ।

***Jumble Words*** ର ଉତ୍ତର :-

(1) LEAVE (2) BATTY (3) SHROUD (4) ATTAIN (5) WHIRL (6) TRULY (7) SONATA (8) ATRIUM (9) GRANT (10) OFFER

# ସେମିକଣ୍ଡକ୍ଟର ଜ୍ଞାନ କୌଶଳ ଯୋଗାଇବ ଭିସୁଟ



ବୁର୍ଲା : ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ଆମେରିକାର ମକ୍ୟୁ ସେମିକଣ୍ଡକ୍ଟର୍ ପ୍ରାଇଭେଟ ଲିମିଟେଡର ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଭିସୁଟ୍ କୁଳପତି ପ୍ରଫେସର ବଂଶୀଧର ମାଝୀ ଏବଂ ମକ୍ୟୁ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ମୁଖ୍ୟ ଉମେଶ ମହାନ୍ତିଙ୍କ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଭିସୁଟ୍ କୁଳସଚିବ ପ୍ରଦୀପ ଡାଙ୍ଗ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲି କମ୍ୟୁନିକେସନ୍ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ହରିସ କୁମାର ସାହୁ, ଇଟିସି ବିଭାଗର ଫେକଲଟି ଆଦିତ୍ୟ କୁମାର ହୋତା, ଆରଏଣ୍ଡଡି ମ୍ୟାନେଜର ମନୀଶ କୁମାର ଶୁକ୍ଲ ଏବଂ ବିଜିନେସ ଡଭଲେପମେଣ୍ଟର ନିର୍ଦ୍ଦେଶକ ପ୍ରଦୀପ ଚାଇମାଲପାଟି ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ । ଏହି ଏମଓୟୁ ହେବା ପରେ ଚିପ୍ ଡିଜାଇନ୍ ପାଇଁ ଆବଶ୍ୟକ ଯନ୍ତ୍ରପାତି ଭିସୁଟରେ ଇଟିସି ବିଭାଗରେ ସ୍ଥାପନା କରାଯିବ । ଏମଓୟୁ କରିଥିବା ସଂସ୍ଥା ଏହି ଯନ୍ତ୍ରପାତି ଭିସୁଟ୍‌କୁ ଯୋଗାଇବ ଏବଂ ଭିସୁଟ୍ ଛାତ୍ରଛାତ୍ରୀ ନିଜସ୍ୱ ଜ୍ଞାନ କୌଶଳରେ ଏହି ସେମିକଣ୍ଡକ୍ଟର ଚିପ୍‌ର ଡିଜାଇନ କରିବେ ବୋଲି ଜଣାପଡ଼ିଛି । ଆତ୍ମନିର୍ଭର ଭାରତ ଅଭିଯାନ ଅନୁଯାୟୀ କମ ଦାମରେ ଏହି ଚିପ୍ କିଭଳି ଡିଜାଇନ ହେବ ସେଥିଥାଇଁ ଗୁରୁତ୍ୱ ଦିଆଯିବ । ଏହି ପ୍ରକଳ୍ପ ଆରମ୍ଭ ହେବା ପରେ ଭିସୁଟ୍ ଛାତ୍ରଛାତ୍ରୀ ଶିକ୍ଷାୟତନ ଜ୍ଞାନକୌଶଳ ଉପରେ ଶିକ୍ଷାଲାଭ କରିପାରିବେ ବୋଲି ଜଣାପଡିଛି ।

# ସୁନ୍ଦରଗଡ଼ରେ ଅନ୍ତର୍ଜାତୀୟ ମହିଳା ଦିବସ

ସୁନ୍ଦରଗଡ଼ : ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ମହିଳା ଦିବସର ଶୁଭେଚ୍ଛା ଜଣାଇ ଥିଲେ । ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ଡିଏସପି ଦ୍ରୌପଦୀ ଦାସ, ସମାଜସେବୀ ସ୍ନେହଲତା ପଟେଲ, ଶୁଭଶ୍ରୀ ରାୟ, ସୁରକ୍ଷା ଅଧିକାରୀ ତୁଳେଶ୍ୱରୀ ପଟେଲ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ବାଲ୍ୟ ବିବାହ ଜିଲା ସଂଯୋଜିକା ମିନାକ୍ଷୀ ପ୍ରଧାନ, ପ୍ଲାନ ଇଣ୍ଡିଆର ଜିଲ୍ଲା ସଂଯୋଜକ, ସମସ୍ତ ସିଡିପିଓ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସୁରକ୍ଷା ଅଧିକାରୀ ପଟେଲ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ଦ୍ୱାରା ବେଷ୍ଟ ଶିଶୁ ସିଡିପିଓ, ବେଷ୍ଟ ସୁପରଭାଇଜର, ବେଷ୍ଟ ଅଙ୍ଗନୱାଡ଼ି କର୍ମୀ ଏବଂ ଗୋଟିଏ ସଖୀ ଓ ଗୋଟିଏ ସକ୍ଷାଙ୍କୁ ପ୍ରମାଣପତ୍ର ଓ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ସୁଶୀଳା ରଥ ପରିଚାଳନା କରିଥିଲେ ।

# ଦେବଦତ୍ତ ପଣ୍ଡାଙ୍କ ପରଲୋକ

ଝାରସୁଗୁଡ଼ା : ସମାଜସେବୀ ଦେବଦତ୍ତ ପଣ୍ଡାଙ୍କ ତାଙ୍କ ପୁରୁଣାବସ୍ତି ବାସଭବନରେ ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ହେଲା ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ । ସେ ତାଙ୍କ ଧର୍ମପତ୍ନୀ ପୁଅ ସଞ୍ଜୟ, ବିଜୟ ଓ ଅଜୟଙ୍କୁ ଛାଡି ଚାଲିଯାଇଛନ୍ତି । ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭିକାରୀ ପଣ୍ଡାଙ୍କ ପୁତ୍ର ଦେବଦତ୍ତ ବ୍ରଜରାଜନଗର ଓରିଏଣ୍ଟ ପେପର ମିଲ୍‌ର ଜଣେ ଅବସରପ୍ରାପ୍ତ କର୍ମଚାରୀ ଥିଲେ । ତେବେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସମସ୍ୟା ସଂପର୍କରେ ସମ୍ବାଦପତ୍ର ଗୁଡିକ ମାଧମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ।

# ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ପତ୍ନୀ ବିୟୋଗ

ବରଗଡ଼ : ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ପତ୍ନୀ ସୁରେଶରୀ ଦେବତା (୭୫ ବର୍ଷ)ଙ୍କ ପରଲୋକ ହୋଇଯାଇଛି । ସେ ବହୁ ଦିନ ହେଲା ଅସୁସ୍ଥ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀଙ୍କ ସହ ପୁଅ ବାବୁଲୁ, ବୋହୂ ରୋଜି, ନାତି ଯସ ଓ ଯୁଗ, ଝିଅ ମମତା ଓ ଜ୍ୱାଇଁ ବିଶ୍ୱଜିତ ଶତପଥୀଙ୍କ ସମେତ ପରିବାର ସଦସ୍ୟ ଏବଂ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ବାବୁଲୁ ମୁଖାଗ୍ନି ଦେଇଥିଲେ ।

# ମାତୃକ୍ଷେତ୍ରରେ ସୁବର୍ଣ୍ଣ ଜୟନ୍ତୀ ହୋଲି ଶିବିର ଉଦ୍‌ଯାପିତ

ସମ୍ବଲପୁର: ସମ୍ବଲପୁର ଜିଲ୍ଲା ଦେବର ନୂଆପାଲିସ୍ଥିତ ଉଦୀୟମାନ ମାତୃକ୍ଷେତ୍ରରେ ଶ୍ରୀଅରବିନ୍ଦ ରାଜ୍ୟସ୍ତରୀୟ ହୋଲି ଶିବିରର ସୁବର୍ଣ୍ଣ ଜୟନ୍ତୀ ସମାବେଶ ଉଦ୍‌ଯାପିତ ହୋଇଛି । ଏହି ଚାରିଦିନିଆ ସମାବେଶର ଉଦ୍‌ଯାପନୀ ସଭାରେ ସମ୍ବଲପୁର ଏସ୍.ପି.ବି. ଗଙ୍ଗାଧର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଭାଗୀରଥି ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପ୍ରସାଦ ତ୍ରିପାଠୀ ଓ ଭବେଶ ଚନ୍ଦ୍ର ସାହୁ ବକ୍ତାଭାବେ ଯୋଗ ଦେଇ 'ସବୁ କିଛି ପାଇଁ ଆମେ ତୁମ ନିକଟରେ କୃତଜ୍ଞ' ବିଷୟ ଉପରେ ଆଲୋଚନା କରିଥିଲେ । ଚାରିଦିନର ବିଭିନ୍ନ ଆଲୋଚନାରେ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ସୁବର୍ଣ୍ଣ ଜୟନ୍ତୀ ଅଭ୍ୟର୍ଥନା କମିଟିର ଅଧକ୍ଷ ରୋହିତ ପୂଜାରୀ, ପଣ୍ଡିଚେରୀ ଆଶ୍ରମର ବିଶିଷ୍ଟ ସାଧକ ଡାକ୍ତର ଆଲୋକ ପାଣ୍ଡେ, ମେନେଜିଙ୍ଗ ଟ୍ରଷ୍ଟି ଉଦିତ ବାବୁ, ସଂଗତି ମଣ୍ଡଳର ସଭାପତି ମନୋରଞ୍ଜନ ପଟ୍ଟନାୟକ, ଆବାହକ ପ୍ରଫୁଲ୍ଲ ପଣ୍ଡା, ଡାକ୍ତର ବିରଞ୍ଚି ମହାପାତ୍ର, ଏମ୍‌ସିଏଲ୍‌ର ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପ୍ରଣବ କୁମାର ପଟେଲ, ବିତ୍ତ ନିର୍ଦ୍ଦେଶକ ଅଜିତ ବେହୁରା, ଅରୁଣ ତ୍ରିପାଠୀ, ରାଧାକାନ୍ତ ମିଶ୍ର, ଦେବରାଜ ବେହେରା, ସୁବାସ କରି, ଡମରୁଧର ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ମାତୃକ୍ଷେତ୍ରର ଏକ ଫୋଟୋ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏକ ସୁଦୃଶ୍ୟ ସ୍ମରଣିକା ମଧ ଉନ୍ମୋଚିତ ହୋଇଥିଲା । ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ତଥା ଶାରୀରିକ କୌଶଳ ପ୍ରଦର୍ଶନ କରିଥିଲେ । ଉପେନ୍ଦ୍ର ମହାପାତ୍ର ଓ ତପସ୍ୱିନୀ ମହାପାତ୍ରଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ମଧ ଅନୁଷ୍ଠିତ ହୋଇଥିଲା । ଶିବିରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ବନମାଳୀ ବାବୁଙ୍କ ୧୦୬ ତମ ଜୟନ୍ତୀ ପାଳିତ





ସମ୍ବଲପୁର : ବିଶିଷ୍ଟ ରାଜନୀତିଜ୍ଞ ବନମାଳୀ ବାବୁଙ୍କ ୧୦୬ତମ ଜୟନ୍ତୀ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ଶ୍ରୀ ଅର୍ଜ୍ଜୁନ ରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ଏଥିରେ ଡକ୍ଟର ନିରୂପମା ବଡ଼ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅନ୍ୟାନ୍ୟମାନଙ୍କ ମଧ୍ୟରେ ପ୍ରଫେସର ରବିନାରାୟଣ ମିଶ୍ର, ଅରବିନ୍ଦ ମହାପାତ୍ର ଏବଂ ପବ୍ଲିକ ଲାଇବ୍ରେରିର ସଂପାଦକ ରଘୁନାଥ ମିଶ୍ର ପ୍ରମୁଖ ଯୋଗ ଦେଇ ରାଜନୈତିକ କ୍ଷମତାକୁ ନିଜ ଅଞ୍ଚଳର ଉନ୍ନତି ପାଇଁ ବ୍ୟବହାର କରି ବନମାଳୀ ବାବୁ ଏକ ଉନ୍ନତ ଦୃଷ୍ଟାନ୍ତ ତିଆରି କରିଛନ୍ତି ବୋଲି କହିଥିଲେ ।

# ନାମଯଜ୍ଞରେ ମୃଦଙ୍ଗ ବଜାଉଥିବା ବେଳେ ଟଳିପଡିଲେ ବାଦକ

ସମ୍ବଲପୁର : ଯଜ୍ଞରେ ହରିନାମ ସଂକୀର୍ତ୍ତନରେ ବିଭୋର ଥିବାବେଳେ ମୃଦଙ୍ଗ ବାଦକ ଟଳି ପଡିବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଏଭଳି ଘଟଣା ଘଟିଛି ରେଢ଼ାଖୋଲ ବ୍ଲକ ରେଙ୍ଗାଲି ଠାରେ ମଙ୍ଗଳବାର ଚାଲିଥିବା ଅଷ୍ଟପ୍ରହର ନାମ ଯଜ୍ଞରେ । ନାମଯଜ୍ଞର ପ୍ରହର ମଣ୍ଡପରେ ମୃଦଙ୍ଗ ବାଦକ ପିପିଲକାନୀ ଗ୍ରାମର ଗେଥଲ ଦେହୁରୀ (୫୦) ମୃଦଙ୍ଗ ବଜାଉଥିବା ସମୟରେ ଅସୁସ୍ଥତା ଅନୁଭବ କରି ହଠାତ ଟଳି ପଡ଼ିଥିଲେ । ଯଜ୍ଞ କମିଟିର କର୍ମକର୍ତ୍ତା ତାଙ୍କୁ ତୁରନ୍ତ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସରେ ଚିକିତ୍ସା ପାଇଁ ରେଢ଼ାଖୋଲ ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

# ତ୍ରିଦିବସୀୟ ଜ୍ଞାନଯଜ୍ଞ ଉଦ୍‌ଯାପିତ

ସମ୍ବଲପୁର: ଦିବ୍ୟ ଦର୍ଶନ ସଂଘ ପକ୍ଷରୁ ପାଳିତ ତ୍ରିଦିବସୀୟ ଜ୍ଞାନ ଯଜ୍ଞ ଉଦ୍‌ଯାପିତ ହୋଇଛି । ଏହି ଅବସରରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତି ସମ୍ପର୍କିତ ବିଭିନ୍ନ ତତ୍ତ୍ୱ ଉପରେ ଆଲୋଚନାଚକ୍ରମାନ ଅନୁଷ୍ଠିତ ହୋଇଥିଲା । ତନୟା କୁସୁମ ଓ ତାଙ୍କ ଦଳ ପାଲା ପରିବେଷଣ କରିଥିଲେ । ଖିରେଶ୍ୱର କୁସୁମ, ଗାୟିକା କୁସୁମ, ଗୌତମ ମହାନନ୍ଦ, ରେବତୀ ଲୁହା, ବିଶିକେଶନ ବାରିକ, ପ୍ରିୟଙ୍କା ବୁଡା ଓ ଭୁବନ ବାଗ ପ୍ରମୁଖ ଏହି କାର୍ଯ୍ୟକ୍ରମଗୁଡିକରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଦିବ୍ୟ ଦର୍ଶନ ସଂଘର ସଭାପତି ଗୋପୀନାଥ ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶନାରେ ଏହି କାର୍ଯ୍ୟକ୍ରମଗୁଡ଼ିକ ପରିଚାଳିତ ହୋଇଥିଲା ।

# ଏନ୍.ଏସ୍.ସି.ବି ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ




ସମ୍ବଲପୁର: ସ୍ଥାନୀୟ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ସିକତା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ପରିଷଦ ସଭାପତି କୁମୋଦିନୀ ନାୟକ ମୁଖ୍ୟ ଅତିଥି ଓ ସମ୍ବଲପୁର ପର୍ଶୁରାମ ମିଶ୍ର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ବିଶିଷ୍ଟ ଶିକ୍ଷାବିତ୍ ଡକ୍ଟର ନିରୁପମା ବଡ଼ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଓଡ଼ିଆ ବିଭାଗ ଅଧ୍ୟାପିକା ଡକ୍ଟର ଶ୍ରଦ୍ଧାମୟୀ ପୁରୋହିତଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଅଧାପିକା ଶ୍ରୀମତୀ ମେଞ୍ଜା ପୂର୍ଣ୍ଣ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବାଣିଜ୍ୟ ବିଭାଗ ଅଧାପିକା ଶ୍ରୀମତୀ ଅଳକା ଲୁଗୁନ୍ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ପ୍ରଫେସର ଦୁର୍ଲ୍ଲଭ କୁମାର ସା, ଡକ୍ଟର ଶ୍ୟାମ ଭୋଇ, ହରିହର ମଲ୍ଲିକ, ସୁଜିତ ପଧାନ, ସନ୍ତୋଷ ରଞ୍ଜନ ବେହେରା, ଅଧାପିକା ମିନତୀ ଛତ୍ରିଆ, ଶ୍ରଦ୍ଧାଞ୍ଜଳି ଦାଶ, ମିଲି ସାହୁ, ଅଧାପକ ସୁରେଶ ଏକ୍କା, ଉତ୍ତମ କୁମାର ରାଉଳ ପ୍ରମୁଖ ସହଯୋଗ କରିଥିଲେ ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଉତ୍ତମ ମଣିଷ ଗଢିବା ଶିକ୍ଷାର ଉଦ୍ଦେଶ୍ୟ ହେଉ: ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ








ସମ୍ବଲପୁର : ଭୋଗ-ବିଳାସ ବା ଅର୍ଥ ରୋଜଗାର ନୁହେଁ, ବରଂ ଉତ୍ତମ ମଣିଷ ଗଢିବା ଶିକ୍ଷାର ଉଦ୍ଦେଶ୍ୟ ହେବା ଉଚିତ ବୋଲି ବିଶ୍ୱାତ୍ମ ଚେତନା ପରିଷଦର ଅଧକ୍ଷ ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ କହିଛନ୍ତି । ଝାଡୁଆପଡା ସ୍ଥିତ ବିଶ୍ୱାତ୍ମ ବିଦ୍ୟା ମନ୍ଦିରର ଦଶମ ବାର୍ଷିକ ଉତ୍ସବରେ ସ୍ୱାମିଜୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ଉତ୍ତମ ମଣିଷ ହେବା ପାଇଁ ଛୋଟ ବେଳୁ ଶିଶୁଙ୍କ ମନ ଭିତରେ ଧାରଣା ସୃଷ୍ଟି କରି ସମୟକ୍ରମେ ପରିବର୍ଦ୍ଧିତ ସୃଷ୍ଟି କରିବାର ଆବଶ୍ୟକତା ରହିଛି । ଏହାଛଡ଼ା ସତକର୍ମ ଓ ସତ୍‌ବିଚାରର ମନ୍ତ୍ରରେ ସେମାନଙ୍କୁ ଦୀକ୍ଷିତ କରାଯିବା ଉଚିତ ।

ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ଏସ୍‌ସିଆର୍‌ଟିର ପୂର୍ବତନ ଅଧକ୍ଷ ପ୍ରଫେସର ସେବକ ତ୍ରିପାଠୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପ୍ରକୃତ ଜ୍ଞାନ ବାଣ୍ଟି ଶିଶୁଙ୍କୁ ସୁଯୋଗ୍ୟ ଓ ସମର୍ଥ ମଣିଷ ଭାବେ ଗଢି ତୋଳିବାରେ ଏହି ବିଦ୍ୟାଳୟ ଆଦର୍ଶ ସୃଷ୍ଟି କରିବ ବୋଲି ଆଶା ବ୍ୟକ୍ତ କରିଥିଲେ । ବିଶ୍ୱାତ୍ମ ବିଦ୍ୟା ମନ୍ଦିର ସମୂହର ସଂଯୋଜକ ଶ୍ରୀ ସମିତ କୁମାର ଓ ଶିକ୍ଷୟିତ୍ରୀ ରୀନା ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ୱାମୀ ଶ୍ରୀ ସତ୍ୟପ୍ରେମାନନ୍ଦ ସରସ୍ୱତୀ ପ୍ରମୁଖ ମଞ୍ଚାସୀନ ଥିଲେ । ସମ୍ବଲପୁର ବିଶ୍ୱାତ୍ମ ବିଦ୍ୟା ମନ୍ଦିରର ସଭାପତି ଶ୍ରୀ ପରମେଶ୍ୱର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟା ମନ୍ଦିରର ପ୍ରଧାନ ଗୁରୁମା ଶ୍ରୀମତୀ ସୁଜାତା ପତି ବାର୍ଷିକ ବିବରଣୀ ପାଠ କରିଥିଲେ । ଶେଷରେ ବିଶ୍ୱାତ୍ମ ଚେତନା ପରିଷଦ ସମ୍ବଲପୁର ଶାଖାର ସମ୍ପାଦକ ନନ୍ଦକିଶୋର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ପଞ୍ଚମ ଶ୍ରେଣୀର ଛାତ୍ର ସୋମନାଥ ସାହାଣୀଙ୍କୁ ବିଦ୍ୟାଳୟର ଶ୍ରେଷ୍ଠ ବିଦ୍ୟାର୍ଥୀ ଭାବେ 'ରୁଦ୍ର ନାରାୟଣ ପତି ସ୍ମାରକୀ ଆୱାର୍ଡ' ତଥା 'ଡାକ୍ତର ସୁଚେତାରାଣୀ ମହାପାତ୍ର ମେମୋରିଆଲ ଆୱାର୍ଡ' ପ୍ରଦାନ ପୂର୍ବକ ୫,୦୦୦ଟଙ୍କା ଅର୍ଥରାଶି ଦିଆଯାଇଥିଲା । ଏହାଛଡା ବିଭିନ୍ନ ପ୍ରତିଯୋଗିତାର ବିଜିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଶିକ୍ଷୟିତ୍ରୀ ରଞ୍ଜିତା ମିଶ୍ର ପୁରସ୍କାର ବିତରଣୀ ଉତ୍ସବର ସଂଯୋଜନା କରିଥିଲେ । ପ୍ରାଧାପିକା ଶ୍ରୀମତୀ ଶ୍ରୀଲତା ମିଶ୍ର, ଦେବଯାନୀ ମିଶ୍ର, ଡାକ୍ତର ସୁରେନ୍ଦ୍ର ପଣ୍ଡା ଓ ବିମଳ ପାଣ୍ଡିଆ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

## ଜଗତର କଲ୍ୟାଣ ପାଇଁ ହରିନାମ ସଂକୀର୍ତ୍ତନ ଆବଶ୍ୟକ: ଦାମକିଙ୍କର ମହାରାଜ

ସମ୍ବଲପୁର : ହରି ନାମ ସଂକୀର୍ତ୍ତନ ଦ୍ୱାରା ଜୀବଜଗତର କଲ୍ୟାଣ ସହିତ ଭଗବତ ପ୍ରେମ ହାସଲ କରିହେବ ବୋଲି ବୃନ୍ଦାବନ ନିବାସୀ ଦାମ କିଙ୍କରଜୀ ମହାରାଜ କହିଛନ୍ତି । ଝାଡୁଆପଡ଼ାର ଗୌରମଠ ଠାରେ ଶ୍ରୀକୃଷ୍ଣ ଚୈତନ୍ୟ ଜନ୍ମୋତ୍ସବ



ପାଳନ ଅବସରରେ ଦିବ୍ୟଗୌର କଥାମୃତ କାର୍ଯ୍ୟକ୍ରମରେ ଶ୍ରୀଚୈତନ୍ୟଙ୍କ ନୀଳାଚଳ ଯାତ୍ରା, କରୁଣାମୟ ଲୀଳା ବର୍ଣ୍ଣନା, ଦକ୍ଷିଣାଦେଶ ଯାତ୍ରା, ବାସୁଦେବ ଉଦ୍ଧାର, ଗୋପାଳ ଭଞ୍ଜ ମିଳନ, ରାୟରାମାନନ୍ଦ ବାର୍ତ୍ତାପ୍ରଭୃତି ବିଷୟ ଉପରେ ପ୍ରବଚନ ଦେଇଥିଲେ । କଥା ପ୍ରସଙ୍ଗଙ୍କୁ ବିସ୍ତାରରେ ବର୍ଣ୍ଣନା କରି କହିଲେ, ଆଧାତ୍ମିକତାକୁ ପ୍ରେମ ଅନୁରକ୍ତି ଓ ଶ୍ରଦ୍ଧା ଦ୍ୱାରା ପ୍ରାପ୍ତ ହେବ । ଶ୍ରଦ୍ଧା କ୍ରମେ କ୍ରମେ ସାଧୁ ସଙ୍ଗ ଦ୍ୱାରା ଭଗବତ ପ୍ରେମର ରୂପରେ ପରିଣତ ହୁଏ । କଳିକାଳର ମୂଳ ହରିନାମ ସଂକୀର୍ତ୍ତନରେ ସନ୍ନିବେଶିତ ଶ୍ରୀଚୈତନ୍ୟ କୌଣସି ଭେଦଭାବ ନ ରଖି ଆବାଳ ବୃଦ୍ଧବନିତାଙ୍କୁ କୃଷ୍ଣ ପ୍ରେମାନୁବର୍ତ୍ତି କରିଥିଲେ । ଏହି ମାର୍ଗ ଅନୁସରଣ କଲେ ଜଗତର କଲ୍ୟାଣ ହେବ ବୋଲି ଶ୍ରୀ ଦାମକିଙ୍କରଜୀ କହିଥିଲେ । ଏହି ଉପଲକ୍ଷେ ଶ୍ରୀଚୈତନ୍ୟଙ୍କ ନୀଳାଚଳ ଯାତ୍ରା ମଞ୍ଚସ୍ଥ କରାଯାଇଥିଲା । ଏହି ଅବସରରେ ନାମ ସଂକୀର୍ତ୍ତନ, ମହାଭିଷେକ, ହୋମ ସହିତ ଶ୍ରୀକୃଷ୍ଣ ଚୈତନ୍ୟଙ୍କ ଜନ୍ମୋତ୍ସବ ଓ ସାଧୁସେବା ଅନୁଷ୍ଠିତ ହୋଇଥିଲା । ଇଞ୍ଜିନିୟର ଶ୍ରୀକୃଷ୍ଣ ମାଝୀ ଓ ପ୍ରତିଭା ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ।

## ଓଡ଼ିଶା କଂଗ୍ରେସର ଅମୂଲ୍ୟ ରତ୍ନ ଥିଲେ ହେମାନନ୍ଦ ବିଶ୍ୱାଳ




ଭୁବନେଶ୍ୱର : ହେମାନନ୍ଦ ବିଶ୍ୱାଳ ଓଡ଼ିଶା କଂଗ୍ରେସର ଅମୂଲ୍ୟ ରତ୍ନ ଥିଲେ । ଓଡ଼ିଶାରେ କଂଗ୍ରେସର ନେତୃତ୍ୱ ନେବା ପାଇଁ ଗାନ୍ଧୀ ପରିବାର ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥିଲେ । ସାଧାରଣ ଜନତାଙ୍କ ପାଖରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ଥିଲା ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜ୍ୟସ୍ତରୀୟ ହେମାନନ୍ଦ ବିଶ୍ୱାଳ ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠାନର ସଭାପତି ଜୟଦେବ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଯୋଗଦେଇ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ, ସ୍ୱର୍ଗତ ବିଶ୍ୱାଳ ନିଜକୁ କେବେ ଜଣେ ମୁଖ୍ୟମନ୍ତ୍ରୀ କିମ୍ବା ପୂର୍ବତନ ମୁଖ୍ୟମନ୍ତ୍ରୀ ଭାବୁ ନ ଥିଲେ । ସେ ନିଜକୁ ସାଧାରଣ ଜନତାର ସେବକ ଭାବରେ ଗ୍ରହଣ କରିଥିଲେ ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଲେ, ସେ ସମାଜର ଅବହେଳିତ ବର୍ଗର ଜନତାଙ୍କର ଶାଣିତ ସ୍ୱର ଥିଲେ । ହେମାନନ୍ଦ ବାବୁଙ୍କ ନାମରେ ରାଜଧାନୀରେ ୧୦ ହଜାର ଅନ୍ତେବାସୀ କ୍ଷମତା ସଂପନ୍ନ ଏକ ଛାତ୍ରବାସ ନିର୍ମାଣ କରାଯାଉ ବୋଲି ଏହି ଅବସରରେ ସେ ପ୍ରସ୍ତାବ ଦେଇଥିଲେ ।

ବରିଷ୍ଠ ସାମ୍ବାଦିକ ରବି ଦାସ କହିଲେ, ହରିଚନ୍ଦନ କହିଲେ, ସେ ନୂତନ ପ୍ରତିଭାକୁ ପ୍ରତିଷ୍ଠିତ ହେବା ପାଇଁ ସବୁବେଳେ ସୁଯୋଗ ଦେଉଥିଲେ । ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କହିଲେ, ସ୍ୱର୍ଗତ ସମୀର ରାଉତରାୟ, ମାନସ ଚୌଧୁରୀ, ସୀତାକାନ୍ତ ମହାପାତ୍ର, ପ୍ରକାଶ ଜେନା, ଜଗନ୍ନାଥ ମିଶ୍ର, ହଳଧର ସେଠୀ, ରାଜନ ଏକ୍କା, ରମେଶ ଜେନା, କିଶୋର ଜେନା,




୧୯୯୫ରେ କଂଗ୍ରେସର ପ୍ରତ୍ୟାବର୍ତ୍ତନ ପଛରେ ହେମାନନ୍ଦ ବାବୁଙ୍କ ପ୍ରଭାବ, ବ୍ୟକ୍ତିତ୍ୱ ଓ ନେତୃତ୍ୱ ରହିଥିଲା । କେବଳ ତାଙ୍କ ଉପରେ ଗଭୀର ଆଶା କରି ଓଡ଼ିଶାର ଦଳିତ ଆଦିବାସୀ ଓ ପଛୁଆବର୍ଗ କଂଗ୍ରେସକୁ ସମର୍ଥନ କରୁଥିଲେ ।

ପୂର୍ବତନ ପିସିସି ସଭାପତି ପ୍ରସାଦ ବିଶ୍ୱାଳ ଓଡ଼ିଶାରେ ସାମାଜିକ ଆନ୍ଦୋଳନର କ୍ୟାପଟେନ୍ ଶାସନ କ୍ଷେତ୍ରରେ ସ୍ୱଚ୍ଛତା, ନିରପେକ୍ଷତା ଉପରେ ସେ ଗୁରୁତ୍ୱାରୋପ କରୁଥିଲେ । ଅନ୍ୟମାନଙ୍କ ମଧରେ ସାଂସଦ ସୁଲତା ଦେଓ, ଶିବାନନ୍ଦ ରାୟ, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ବିଧାୟକ ସୁରେଶ ରାଉତରାୟ, ମହମ୍ମଦ ମୋକିମ, ବିଶ୍ୱଜିତ ଦାଶ, ୟାସିର ନୂଜ, ରଜତ ଚୌଧୁରୀ, ମନୋଜ ଜେନା, କାର୍ଯ୍ୟକ୍ରମରେ ସ୍ୱର୍ଗତ ବିଶ୍ୱାଳଙ୍କର ପତ୍ନୀ ଉର୍ମିଳା ବିଶ୍ୱାଳ, କନ୍ୟା ସବିତା ପ୍ରଧାନ, ସଂଯୁକ୍ତା ତାଉଡିଆ, ସୁନିତା ବିଶ୍ୱାଳ ଏବଂ ପୌତ୍ର ଓ ପୌତ୍ରୀମାନେ ଉପସ୍ଥିତ ଥିଲେ । ଝିଅ ଅମିତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

## ଲାରିପାଲିରେ ନବନିର୍ମିତ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା

ସମ୍ବଲପୁର : ରେଙ୍ଗାଲି ନିକଟସ୍ଥ ଲାଗିପାଲି ଗ୍ରାମରେ ନବନିର୍ମିତ ସମଲେଶ୍ୱରୀ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଦିବସରେ ବୈଦିକ ରୀତିରେ ଅଙ୍କୁରାରୋପଣ କରାଯାଇ ସନ୍ଧ୍ୟାରେ ଭବ୍ୟ କଳସଯାତ୍ରା ବାହାରିଥିଲା । ପଣ୍ଡିତ ସୁରେନ୍ଦ୍ର ମିଶ୍ର ମୁଖ୍ୟ ପୂଜକ ଦାୟିତ୍ୱ ତୁଲାଇ ଥିବା ବେଳେ ପ୍ରତିଷ୍ଠା ମହୋତ୍ସବରେ ସୁବାସ ଚନ୍ଦ୍ର ମିଶ୍ର, ଶୁକଦେବ ସାହୁ, ସରୋଜ ମିଶ୍ର, ରଞ୍ଜନ କୁମାର ମିଶ୍ର (ବାବୁଲା), ସୂର୍ଯ୍ୟକୁମାର ମିଶ୍ର, ମଣ୍ଟୁ ଷଡଙ୍ଗୀ, ଦୁଃଖୀନାଶନ ମିଶ୍ର, ଦିଲ୍ଲୀପ ଷଣ୍ଢ ଏବଂ ବୀରକିଶୋର ଦାସ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । କଳସ ଅଧିବାସ ଅବସରେ ରାତିରେ ଛତିଶଗଡର ଉର୍ମିଳା ଦାସ ଏବଂ ବରଗଡ଼ ପାଇକମାଲର ସୀତାବତୀ ପରିବେଷଣ କୁମ୍ଭୀର ସଂଚାର କରିଥିଲେ । ଏହି ଅବସରରେ ପ୍ରତିଦିନ ଦିଲ୍ଲୀର ଝାଙ୍କି ରାମାୟଣ, ସଂଚାର, କୃଷ୍ଣ ଗୁରୁଭଜନ, ବନ୍ଦିତା ନାୟକ ସାଥୀ ପାରାୟଣ ଆଦି ବିଭିନ୍ନ ପ୍ରକାରର ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ।



## ଗିନିସ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ସମ୍ମାନ ଗ୍ରହଣ କଲେ ମୁଖ୍ୟମନ୍ତ୍ରୀ

ରାଉରକେଲା : ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରି ପ୍ରଶଂସା ସାଉଣ୍ଟିଥିବା ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମକୁ ଗିନିସ ବୁକ୍ ଅଫ୍ ୱାର୍ଲ୍ ରେକର୍ଡ ପକ୍ଷରୁ ସ୍ୱୀକୃତି ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗିନିଜ ୱାର୍ଲ୍ଡ ରେକର୍ଡ କର୍ମକର୍ତ୍ତାଙ୍କ ଠାରୁ ଏ ସଂପର୍କିତ ପ୍ରମାଣ ପତ୍ର ଗ୍ରହଣ କରିଛନ୍ତି । ମାତ୍ର ୧୫ ମାସ ମଧରେ ନିର୍ମିତ ଏହି ହକି ଷ୍ଟାଡିୟମ୍‌ରେ ସିଟ୍‌ରେ ବସି ବିଶ୍ୱର ସର୍ବାଧିକ ଦର୍ଶକ ଅର୍ଥାତ୍ ୨୦,୦୧୧ ଜଣ ଖେଳ ଦେଖିବାର ବ୍ୟବସ୍ଥା ହୋଇଛି । ଏଭଳି ବ୍ୟବସ୍ଥା ବିଶ୍ୱର ଅନ୍ୟ କୌଣସି ଷ୍ଟାଡିୟମ୍‌ରେ ନାହିଁ ।



Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra